**ଜଳିଗଲା ଧାନ ଗଦା**

ଢେଙ୍କିକୋଟ,(ଡି.ଏନ.ଏ): କେନ୍ଦୁଝର ଜିଲ୍ଲା ଢେଙ୍କିକୋଟ ପଞ୍ଚାୟତ ଲଙ୍ଗଳକଣ୍ଟି ଗ୍ରାମରେ ମଙ୍ଗଳବାର ଏକ ଧାନ ଗଦା ଜଳିଯାଇଛି। ଖବର ପାଇ ଘଟଗାଁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ମାତ୍ର ସେତେ ବେଳକୁ ଲଙ୍ଗଳକଣ୍ଟି ଗ୍ରାମର ଚାଷୀ କୁଞ୍ଜବିହାରୀ ଗିରି, ଅଶ୍ୱିନୀ ଗିରି ଓ ବିଜୟ ଗିରିଙ୍କ ଟ୍ରାକ୍ଟରରେ ମୋଟ ଦଶ ଟ୍ରିପ ଧାନ ପୋଡ଼ି ପାଉଁଶ ହୋଇଯାଇଥିଲା। ଏ ସମ୍ପର୍କରେ ଘଟଗାଁ ତହସିଲଦାର ଜନକ ନାୟକ କହିଛନ୍ତି, ଆରଆଇଙ୍କୁ ପଠାଇ ତଦନ୍ତ କରାଯିବ। ରିପୋର୍ଟ ସରକାରଙ୍କୁ ପଠାଇ ଯଥା ସମ୍ଭବ କ୍ଷତିପୂରଣ ସରକାରଙ୍କ ତରଫରୁ ଦିଆଯିବ ବୋଲି କହିଥିଲେ।

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

**ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର ମାମଲା**

**ରାଇରଙ୍ଗପୁର,୧୩।୧୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ମଙ୍ଗଳବାର ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଦୀପକ କୁମାର ଏହାର ବିଚାର କରି ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ବ୍ୟତୀତ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ହେଲେ ବିଶୋଇ ଥାନା ଅଧୀନ କରଣଝରଣ ଗ୍ରାମର ରବୀନ୍ଦ୍ର ନାଏକ। ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଜୁଲାଇ ୨୯ ତାରିଖ ଅପରାହ୍ନରେ ଦିବ୍ୟାଙ୍ଗ ମହିଳା ଜଣକ ଘରେ ଏକୁଟିଆ ଥିବା ବେଳେ ଅଭିଯୁକ୍ତ ରବୀନ୍ଦ୍ର ତାଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଅଭିଯୋଗ କ୍ରମେ ବିଶୋଇ ପୋଲିସ ଏକ ମାମଲା(ନଂ.୯୯/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଆଇନଜୀବୀ ପଙ୍କଜ ଦାସ ମାମଲା ପରିଚାଳନା କରିଥିଲେ।

### ଚାଷୀ ଆନ୍ଦୋଳନ ତେଜିଲା

**ଜଳେଶ୍ୱର, ୧୩।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଞ୍ଚଳରେ ରବିଋତୁ ପୂର୍ବରୁ ଅଧିକ ବିଦ୍ୟୁତ୍ ବିଲ୍ ଆସୁଥିବାରୁ ଚାଷୀମାନେ ଏହାକୁ ବିରୋଧ କରିଛନ୍ତି। ଏହାର ପ୍ରତିବାଦ କରି ମଙ୍ଗଳବାର ଚାଷୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୫ ଦଫା ଦାବି ପୂରଣ ନ ହେଲେ ପରିସ୍ଥିତି ଅଣାୟତ୍ତ ହେବ ବୋଲି ଆହ୍ୱାନ ଦେଇଛନ୍ତି। ଜଳେଶ୍ୱର ବ୍ଲକର ଛମୌଜ ରାଣୀପୋଖରୀଠାରେ ଚାଷୀ ଏକତା ମଞ୍ଚ ପକ୍ଷରୁ ଆୟୋଜିତ ସଭାରେ ବିଭିନ୍ନ ଅଞ୍ଚଳରୁ କୃଷକ ପ୍ରତିନିଧି, ଛାମୁଆ କୃଷକ ଓ ଗ୍ରାମାଞ୍ଚଳର ନେତୃବର୍ଗ ଯୋଗଦେଇଥିଲେ। ବୈଠକରେ ରାଜ୍ୟ କଂଗ୍ରେସ ଦଳ ପ୍ରବକ୍ତା ସୁଦର୍ଶନ ଦାସ ଉପସ୍ଥିତ ରହି ବିଦ୍ୟୁତ୍ କମ୍ପାନୀର ମନମାନି ଘଟଣାକୁ ବିରୋଧ କରିଥିଲେ। କମ୍ପାନୀ ପକ୍ଷରୁ ରବିଋତୁ ଚାଷ ପୂର୍ବରୁ ଏସବୁର ସମାଧାନ ନ କଲେ ଟାଟା କାର୍ଯ୍ୟାଳୟ ଆଗରେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲୀପ କୁମାର ଗିରି, ସୁଦାମ ପାତ୍ର, ମଧୁସୂଦନ ଦତ୍ତ, ସୁଧୀର ପାତ୍ର, ତ୍ରିଲୋଚନ ଦାସ ଅଧିକାରୀ, ଦିପ୍ତୀମାନ ଆଚାର୍ଯ୍ୟ, ପଦ୍ମଲୋଚନ ବେହେରା, ବିଜୟ କୁମାର ଜେନା, ହେମନ୍ତ ଗିରି ଓ ଅନନ୍ତ ରାଉଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପାଟଣା, ସାହାରପଡ଼ା ବ୍ଲକ୍‌ର ରେକର୍ଡ

**ପାଟଣା,୧୩।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲାର ୧୩ଟି ବ୍ଲକ୍‌ରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମଜିଏନ୍‌ଆରଇଜିଏସ୍)ରେ ପାଟଣା ଓ ସାହାରପଡା ବ୍ଲକ୍ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ଚଳିତ ଆର୍ଥିକ ବର୍ଷ ୨୦୨୨-୨୩ ରେ ଦୁଇ ବ୍ଲକ୍‌ରେ ୧୦ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରି ଜିଲାରେ ପ୍ରଥମ ସ୍ଥାନରେ ରହିଥିବା ଏପିଓ ଦୀପକ ବେହେରା ସୂଚନା ଦେଇଛନ୍ତି। ଉକ୍ତ ଯୋଜନାର ସଫଳ ରୂପାୟନ ପଛରେ ୨ ଟି ବ୍ଲକ୍‌ର ୪୦ଟି ପଞ୍ଚାୟତର ନିର୍ବାଚିତ ଲୋକ ପ୍ରତିନିଧି, ଯନ୍ତ୍ରୀ, ଜିଆରଏସ, ପିଇଓ, ସରପଞ୍ଚ ସହ ଅଧିକାରୀମାନଙ୍କ ସମ୍ମିଳିତ ଉଦ୍ୟମ ଯୋଗୁଁ ସମ୍ଭବ ହୋଇଛି ବୋଲି ପାଟଣା ବିଡିଓ ଈଶ୍ୱରଚନ୍ଦ୍ର ନାଏକ ଓ ସାହାରପଡା ବିଡିଓ ବିଜୟ ନାୟକ କହିଛନ୍ତି।

### ଠକେଇ ଅଭିଯୋଗରେ ୫ ଗିରଫ

**ରାଇରଙ୍ଗପୁର,୧୩।୧୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଞ୍ଚଳରେ ଲଟେରି ଆଳରେ ବିଦ୍ୟୁତ୍ ବଲ୍‌ବ୍ ବିକ୍ରି ଠକେଇ ଅଭିଯୋଗ ଘଟଣାରେ ଟାଉନ ଥାନା ପୋଲିସ ମଙ୍ଗଳବାର ୫ ଆନ୍ତଃଜିଲା ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଭଦ୍ରକ ଜିଲା ଧୁସୁରୀ ଥାନା ଅନ୍ତର୍ଗତ ମାମାଦୁଲା ଗ୍ରାମର ଆଶିଷ ରଞ୍ଜନ ରାୟ,ଭରତ ସେଠୀ ଏବଂ ତରେଇ ସାହି ଅର୍ଜୁନପୁର ଗ୍ରାମର ସନ୍ତୋଷ ବେହେରା, ଧାମନଗର ଥାନା ଅନ୍ତର୍ଗତ ସଇଲୋ ଗ୍ରାମର ଅନୀଲ କୁମାର ନାୟକ,ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ ତରାଙ୍ଗ ସାଗରପୁର ଗ୍ରାମର ଦୀପକ କୁମାର ଦାସ। ଏନେଇ ପୋଲିସ ଏକ ମାମଲା(ନଂ.୩୨୯/୨୨) ରୁଜୁ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବା ସହ ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଫିସର ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ କହିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କଠାରୁ କେତେକ ବିଦ୍ୟୁତ୍ ବଲବ୍ ଏବଂ ୪ଟି ମୋବାଇଲ ଜବତ ହୋଇଛି।

# ଆବାସ ଯୋଜନାରେ ଦୋକାନ ଘର

- କାମ ବନ୍ଦକଲା ପୌର ପ୍ରଶାସନ
- ଜିଓ ଟ୍ୟାଗ୍‌କୁ ନେଇ ପ୍ରଶ୍ନବାଚୀ

**କେନ୍ଦୁଝର,୧୩।୧୨(ସ୍ୱ.ପ୍ର)**

କେନ୍ଦୁଝରଗଡ଼ ପୌରପାଳିକାର ୧୫ ନମ୍ବର ୱାର୍ଡ ମାଧପୁରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୋକାନ ଘର ନିର୍ମାଣ ହେଉଥିଲା। ଏନେଇ ଅଭିଯୋଗ ପରେ ପୌର ପ୍ରଶାସନ ପକ୍ଷରୁ ତଦନ୍ତ ବେଳେ ୩୨୩ ବର୍ଗମିଟର ଘରର ସାଇଜ ବଦଳରେ ୫୦୦ବର୍ଗ ମିଟର ପରିମିତ ଜାଗାରେ ଦୋକାନ ଘର ହେଉଥିବା ଜଣାପଡ଼ିଥିଲା। ଏନେଇ ମଙ୍ଗଳବାର କାମକୁ ପ୍ରଶାସନ ବନ୍ଦ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ହିତାଧିକାରୀଙ୍କୁ ଦୁଇଟି କିସ୍ତିରେ ଟଙ୍କା ମିଳି ସାରିଥିବାରୁ ଜିଓ ଟ୍ୟାଗକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଆବାସ ଘର ବାବଦରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨ଟି କିସ୍ତିରେ ଅଦ୍ୟାବଧି ୧ଲକ୍ଷ ଟଙ୍କା ଯାଇଛି। ତେବେ କାମ ସମୟରେ ସଠିକ୍ ଭାବରେ ତଦାରଖ ହୋଇ ନ ଥିବାରୁ ସେ ଯୋଜନାରେ ଘର କରିବା ବଦଳରେ



ନିର୍ମାଣ ହେଉଥିବା ଦୋକାନ ଘର।

ଦୋକାନ ଘର ନିର୍ମାଣ କରୁଥିଲେ। ଘର ନିର୍ମାଣ ଏବଂ କିସ୍ତି ପ୍ରଦାନ ସମୟରେ ଘରର ଅବସ୍ଥା ଓ ଅଗ୍ରଗତିକୁ ଜିଓ ଟ୍ୟାଗ କରିବା ପରେ କିସ୍ତି ବାବଦ ଅର୍ଥ ମିଳିଥାଏ। ମାତ୍ର ଜିଓ ଟ୍ୟାଗ ସମୟରେ ଏହାକୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଏଣୁ ଏହି କାମ ବିଭାଗୀୟ କର୍ମଚାରୀଙ୍କ ଗୋଚରରେ ହୋଇଥିବାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏ ନେଇ କେନ୍ଦୁଝରଗଡ଼ ପୌରପାଳିକାର ଏମ୍ଆଇଏସ (ମ୍ୟୁନିସପାଲ ଇନ୍‌ଫରମେସନ ସୋସାଇଟ୍) ସୌମ୍ୟରଞ୍ଜନ ବାରିକଙ୍କ ସହ ଯୋଗଯୋଗ କରିବାରୁ ନିୟମ ଉଲ୍ଲଂଘନ ହୋଇ କାମ ହୋଇଥିଲେ ଅର୍ଥ ଫେରସ୍ତ କରାଯିବ ବୋଲି କହିଥିଲେ। ଗରିବ ଗୃହହୀନଙ୍କୁ ଏହି ଯୋଜନାରେ ଘର ଆବଣ୍ଟନ କରାଯାଇଥାଏ। ମାତ୍ର ବହୁ ଯୋଗ୍ୟ ହିତାଧିକାରୀ ଆବାସ ଘର ପାଉ ନ ଥିବାବେଳେ ଏଭଳି ଅଯୋଗ୍ୟ ହିତାଧିକାରୀମାନଙ୍କୁ ଘର ଆବଣ୍ଟନ କରାଯାଉଛି। ସେମାନେ ଏହାର ଦୁରୁପଯୋଗ କରି ବଡ଼ ବଡ଼ କୋଠା ଓ ଦୋକାନ ନିର୍ମାଣ କରି ଭଡ଼ା ଦେଉଛନ୍ତି। ଏ ନେଇ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ କରାଯାଇ ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ଚମ୍ପୁଆ ରେଞ୍ଜରେ ୧୦୩ ହାତୀ

**ବ୍ୟାପକ ପାଚିଲା ଧାନ ଫସଲ ନଷ୍ଟ**

**ଚମ୍ପୁଆ,୧୩।୧୨(ଡି.ଏନ.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜରେ ୬ଟି ଦଳରେ ୧୦୩ ହାତୀ ଉପଦ୍ରବ କରୁଛନ୍ତି। ହାତୀପଲ ଦିନବେଳା ଜଙ୍ଗଲରେ ରହୁଥିବା ବେଳେ ରାତିହେଲେ ପାଚିଲା ଧାନକ୍ଷେତରେ ପ୍ରବେଶ କରି କ୍ଷତି ଘଟାଉଛନ୍ତି। ହାତୀପଲ ଉପରେ ନଜର ରହିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନା ଅନୁସାରେ, ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନରେ ୨୩ଟି ହାତୀ, ବାଲିବନ୍ଧ ସେକ୍ସନରେ ୨୨, ବାମେବାରୀ ସେକ୍ସନରେ ୨ ଦଳରେ ୧୯ ଓ ୧୧ ହାତୀ ରହିଥିବା ବେଳେ ଚମ୍ପୁଆ ସେକ୍ସନରେ ୨ ଦଳରେ ୧୬ ଓ ୧୨ ହାତୀ ରହିଛନ୍ତି।



ଉପଦ୍ରବ ଚଳାଇଥିବା ହାତୀପଲ।

ହାତୀପଲରେ ୨୮ ହାତୀ ଛୁଆ ରହିଥିବା ବେଳେ ୪୬ ମାଈ ହାତୀ ଓ ୨୯ ଦନ୍ତା ଥିବା ଜଣାପଡ଼ିଛି। ହାତୀ ବିଭିନ୍ନ ଅଞ୍ଚଳରେ ଧାନ କ୍ଷେତରେ ପଶି ନଷ୍ଟ କରୁଛନ୍ତି। ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାରୁ ଚାଷୀମାନଙ୍କ ମଧ୍ୟରେ ଫସଲ ଅମଳକୁ ନେଇ ଆଶଙ୍କା ଦେଖାଯାଇଛି। ବନ ବିଭାଗ ପକ୍ଷରୁ ହାତୀସ୍କ୍ୱାଡ୍ ଓ ଗଜସାଥୀମାନେ ହାତୀଙ୍କ ଗତିବିଧି ଉପରେ ୨୪ ଘଣ୍ଟା ନଜର ରଖିଛନ୍ତି। ରେଲୱେ, ବିଦ୍ୟୁତ୍ ବିଭାଗ ଓ ଜାତୀୟ ରାଜପଥ ପ୍ରାଧିକରଣ ସହ ଯୋଗାଯୋଗରେ ଅଛୁ। ଏଥିସହ ଗ୍ରାମବାସୀଙ୍କ ସହଯୋଗ ମଧ୍ୟ ମିଳୁଥିବା ଚମ୍ପୁଆ ରେଞ୍ଜର ସଞ୍ଜୀବ୍ ରାଉତ କହିଛନ୍ତି।

### ୨୯ରୁ ମା’ ଶିରାଦେବୀ କ୍ରିକେଟ ଟୁର୍ନାମେଣ୍ଟ

**ଖଇରା, ୧୩।୧୨(ଡି.ଏନ.ଏ.)**

ବିଗତ ବର୍ଷମାନଙ୍କ ପରି ଖଇରା ବ୍ଲକ ଶ୍ୟାମସୁନ୍ଦପୁର ପଞ୍ଚାୟତ ଅଧୀନ ଶ୍ରୀରାମପୁରଠାରେ ଅନୁଷ୍ଠିତ ହୋଇ ଆସୁଥିବା ମା’ ଶିରାଦେବୀ କ୍ରିକେଟ ଟୁର୍ନାମେଣ୍ଟ ଚଳିତବର୍ଷ ଡିସେମ୍ବର ୨୯ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୧ତାରିଖରେ ଉଦ୍‌ଯାପିତ ହେବ। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିବେ। ମା’ ଶିରାଦେବୀ ସ୍ପୋର୍ଟ୍ସଆସୋସିଏଶନ ସଭାପତି ବିଷ୍ଣୁମୋହନ ମୁଦୁଲିଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ସଭ୍ୟ ମନୋରଞ୍ଜନ ମୁଦୁଲି, ଶରତ ଚନ୍ଦ୍ର ପରିଡା, ମୁକୁନ୍ଦ ସାହୁ, ସୁଧାଂଶୁ ମୁଦୁଲି, ମାନସ ମୁଦୁଲି, ଶିପକ ମୁଦୁଲି, ଦୟାନିଧି ପାଳଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଯୋଗଦେଇ ଖେଳ ଆୟୋଜନ ନେଇ ଆଲୋଚନା କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ ଯତୀନ



@ ବସନ୍ତ



@ ପ୍ରିୟଦର୍ଶିନୀ



@ ସ୍ୱିଟି

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ଜମିରେ ଆପାର୍ଟମେଣ୍ଟ ନିର୍ମାଣ ଉଦ୍ୟମକୁ ବିରୋଧ



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଭାଜପା ପ୍ରତିନିଧି ଦଳ।

**ବାଲେଶ୍ୱର ଅଫିସ,୧୩।୧୨**

**ଆନ୍ଦୋଳନକୁ ଓହ୍ଲାଇବ ଭାଜପା**

ବାଲେଶ୍ୱର ସହରର ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ନୂତନ ବସ୍‌ଷ୍ଟାଣ୍ଡ ପ୍ରତିଷ୍ଠା ପାଇଁ ଗତ ୨୦୧୧ରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ ଦେଇଥିବା ଜମିକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାରକୁ ଦୃଢ଼ ବିରୋଧ କରିଛି ଭାଜପା। ରେମୁଣା ଗୋଲେଇ ନିକଟବର୍ତ୍ତୀ ବିଦ୍ୟୁତ୍ ଗ୍ରୀଡ୍ ପାର୍ଶ୍ୱରେ ବାଲେଶ୍ୱର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ (ବ୍ରିଟ୍) ପକ୍ଷରୁ ୮ ଏକର ଜମି ଅଧିଗ୍ରହଣ ହୋଇଥିବା ବେଳେ ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ନିର୍ମାଣସ୍ଥଳୀରେ ଆପାର୍ଟମେଣ୍ଟ ନିର୍ମାଣ ସହ ସାଧାରଣ ଲୋକଙ୍କୁ ବିକ୍ରି ମସୁଧା ଆଦୌ ଗ୍ରହଣଯୋଗ୍ୟ ନୁହେଁ ବୋଲି ଭାଜପା ନେତୃବୃନ୍ଦ ଅଭିଯୋଗ କରିଛନ୍ତି। ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲାପାଳଙ୍କୁ ସାକ୍ଷାତ ସହ ପ୍ରଶାସନର ଏତାଦୃଶ ନିଷ୍ପତ୍ତି କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ କରିଛନ୍ତି।

ପ୍ରସ୍ତାବିତ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିକଟବର୍ତ୍ତୀ ଅଞ୍ଚଳରେ ଫକୀରମୋହନ ସରକାରୀ ମେଡ଼ିକାଲ କଲେଜ, ଏମ୍ସ ସାଟେଲାଇଟ ସେଣ୍ଟର, କେନ୍ଦ୍ରୀୟ ବିଦ୍ୟାଳୟ ଭଳି ବହୁ ଅନୁଷ୍ଠାନ ରହିଥିବା ବେଳେ ଆଗାମୀ ଦିନରେ ବହୁ ପ୍ରତିଷ୍ଠାନ ଓ ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟ ପ୍ରତିଷ୍ଠା ହେବା ସମ୍ଭାବନା ରହିଛି। ଜିଲା ସଦର ମହକୁମାକୁ ଦୈନିକ ଶତାଧିକ ବସ୍ ଚଳାଚଳ କରୁଥିବା ବେଳେ ଜନସାଧାରଣଙ୍କ ସୁବିଧା ପାଇଁ ପ୍ରସ୍ତାବିତ ବସଷ୍ଟାଣ୍ଡର ଗୁରୁତ୍ୱ ଢେର ଅଧିକ। ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସକୁ ୧୨ବର୍ଷ ବିତିଯାଇଥିବା ବେଳେ ପ୍ରକଳ୍ପ କାର୍ଯ୍ୟ ଆଦୌ ଆରମ୍ଭ ନ ହେବା ପରିତାପର ବିଷୟ ବୋଲି ଭାଜପା ନେତାମାନେ କହିଥିଲେ। ତେବେ ଅଧିଗ୍ରହଣ ହୋଇଥିବା ୮ ଏକର ଜମିରୁ ବସ୍‌ଷ୍ଟାଣ୍ଡକୁ ମାତ୍ର ଦେଢ଼ ଏକରରେ ସୀମିତ ରଖି ବାକି ଜମିରେ ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟ ନିର୍ମାଣ ଯୋଜନା ଜନସାଧାରଣଙ୍କ ସ୍ୱାର୍ଥ ବିରୋଧୀ କାର୍ଯ୍ୟ। ବ୍ୟବସାୟିକ ପ୍ରତିଷ୍ଠାନ ପରିବର୍ତ୍ତେ ସେଠାରେ ଜନକଲ୍ୟାଣମୂଳକ କାର୍ଯ୍ୟରେ ସମ୍ପୃକ୍ତ ଜମିକୁ ବ୍ୟବହାର ପାଇଁ ଭାଜପା ନେତାମାନେ ଦାବି କରିଛନ୍ତି। ଏନେଇ ଦଳ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାପାତ୍ର, ଜିଲା ସମ୍ପାଦକ ପର୍ଶୁରାମ ପରିଡା, ଉପସଭାପତି କମଲଲୋଚନ ଦାସ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ଯୁବମୋର୍ଚ୍ଚା ଜିଲା ସଭାପତି ରାଜେଶ ମହାପାତ୍ର, ସୁଶାନ୍ତ କୁମାର ବେରା ଓ ମହେଶ୍ୱର ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ଆଭା ଆଇଡି ପ୍ରସ୍ତୁତିରେ ଭଦ୍ରକ ଦେଶରେ ପ୍ରଥମ

**ଭଦ୍ରକ ଅଫିସ, ୧୩।୧୨:** ଡିଜିଟାଲ ଇଣ୍ଡିଆ ଜରିଆରେ ପ୍ରତ୍ୟେକ ଆଧାରକାର୍ଡଧାରୀଙ୍କୁ ମିଳିବ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରିଚୟପତ୍ର। ଗତ ନଭେମ୍ବର ୧୨ରୁ ଚଳିତମାସ ୧୨ ତାରିଖ ପର୍ଯ୍ୟନ୍ତ ଏକମାସ ଧରି ଆୟୁଷ୍ମାନ୍ ଭାରତ ଯୋଜନା ଅନ୍ତର୍ଗତ ଆଭା (ଆୟୁଷ୍ମାନ ଭାରତ ହେଲ୍‌ଥ ଆକାଉଣ୍ଟ) ଆଇଡି ପ୍ରସ୍ତୁତି କାର୍ଯ୍ୟକ୍ରମରେ ଭଦ୍ରକ ଜିଲା ଦେଶରେ ପ୍ରଥମ ହୋଇଛି। ଓଡ଼ିଶାକୁ ୨୫ ଲକ୍ଷ ଆଇଡି ପ୍ରସ୍ତୁତି ପାଇଁ ଲକ୍ଷ୍ୟଧାର୍ଯ୍ୟ ଦିଆଯାଇଥିବା ବେଳେ ୪୩ଲକ୍ଷ ଆଇଡି ଅର୍ଥାତ୍ ଟାର୍ଗେଟରୁ ଅଧିକ ପ୍ରସ୍ତୁତ କରାଯାଇଛି। ସାରା ଭାରତରେ ଓଡ଼ିଶା ଏକ ନମ୍ବର ସ୍ଥାନରେ ରହିଥିବା ବେଳେ ଭଦ୍ରକ ସର୍ବଭାରତୀୟ ସ୍ତରରେ ଜିଲାଗୁଡ଼ିକ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛି। ଜିଲାକୁ ୮୯,୭୮୨ ଆଇଡି ଖୋଲିବାକୁ ଟାର୍ଗେଟ ଦିଆଯାଇଥିଲା। ମାସକ ମଧ୍ୟରେ ୪,୬୫,୧୭୭ ଆଭା ଆଇଡି ପ୍ରସ୍ତୁତ ହୋଇଛି। ଏଥିରେ ଜିଲାକୁ ୫୧୯ ପ୍ରତିଶତ ସଫଳତା ମିଳିଥିବା ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୧୦ ତାରିଖରେ ବାରାଣସୀଠାରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ୟୁନିଭର୍ସିଆଲ ହେଲ୍‌ଥ କଭରେଜ ଡେ ପାଳନ ଅବସରରେ ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ ଓଡ଼ିଶାକୁ ପୁରସ୍କାର ପ୍ରଦାନ କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WALK-IN-INTERVIEW
On 16 & 18 Dec. 22,
10 AM to 2 PM
B.E/Dip- Civil Engineer- 3-5 Yrs
B.E-Electrical/IT/ECE/MCA-6-7 Yrs
Venue- Hotel Divine Inn
Sishupalgarh, Bhubaneswar-2
Mob:9437444968
CV to cmecbbsr@rediffmail.com

ଆବଶ୍ୟକ
ଭୁବନେଶ୍ୱର ଉତ୍କଳ ହାଇଟ୍ସରେ ଘରୋଇ କାର୍ଯ୍ୟ କରିବା ନିମନ୍ତେ ମହିଳା/ଝିଅ ପ୍ରାର୍ଥୀ ଆବଶ୍ୟକ (ଏକୁଟିଆ ହୋଇଥିବେ) ମାସିକ ୫୦୦୦/- ସହିତ ଖାଇବା ସମ୍ପୂର୍ଣ୍ଣ ବିବରଣୀ ସହିତ ଯୋଗାଯୋଗ :
୯୨୩୮୪୯୯୧୦୯

APPOINTMENT
ପୁରୀର ଏକ କାଫେ ରେ କଣ୍ଟିନେଣ୍ଟାଲ୍ ରୋଷେୟା ଏବଂ ୱେଟର ଆବଶ୍ୟକ। ଇଚ୍ଛୁକ ବ୍ୟକ୍ତିବିଶେଷ ତା ୧୦.୧୨.୨୦୨୨ ରିଖ ରୁ ତା ୧୭.୧୨.୨୦୨୨ ରିଖ ମଧ୍ୟରେ ଯୋଗାଯୋଗ କରନ୍ତୁ।
Mob : 9040472499
ସ୍ଥାନୀୟ ବାସିନ୍ଦାଙ୍କୁ ଅଗ୍ରାଧିକାର ଦିଆଯିବ।

SHIVGAN INFRASTRUCTURE PRIVATE LIMITED
Plot No. - 2132/5124, Nageswar Tangi, Lewis Road, BBSR, Odisha - 751002
CIN: U45201OR2010PTC011671
REQUIRED
WALK-IN-INTERVIEW
• 1 No. of MANAGER : Salary: Rs.12,000/- (Incentive Extra) Qualification: MBA (Male/Female)
• 1 No. of SUPERVISOR : Salary: Rs.8,000/- (Incentive Extra) Qualification: Graduation (Applicant only Male)
Date of Interview: 20.12.2022 (Tuesday) & 25.12.2022 (Sunday)
Time: 11.00 A.M. to 1.00 P.M.
Contact No.: 9437040150 | 8984256009
(Time: 11.00 A.M. to 6.00 P.M.)

JOIN AS PARTNER
• Fixed + Variable Pay
• Incentives + Foreign Trips
• Rewards + Recognisations
• Insurance Cover + Guaranteed Benefits
Contact: 8249253959

See Career Appointment on every Wednesday & Saturday

SWARNA Mahindra
WALK IN INTERVIEW
SWARNA AUTOMOBILES PVT. LTD.
( Truck & Bus Division )
♦ General Manager (Sales)
♦ AGM (Sales) - 4nos.
♦ Sr.Marketing Officer- 4nos.
♦ Manager(Sales) - 12 nos.
♦ Business Development Officer - 20nos.
♦ Service Manager - 2nos.
♦ DTP Operator/Accountant
Sales Executive/ Receptionist
DATE OF INTERVIEW
10th, 11th, 17th & 18th Decemeber 2022
At :- Hotel Park Premium 7, Tosali Apartment, Near Durga Mandap, Satyanagar, Bhubaneswar, Mail ID-hrswarnamahindra@gmail.com

बैंक ऑफ़ बड़ौदा Bank of Baroda
ମୁଖ୍ୟ କାର୍ଯ୍ୟାଳୟ: ବରୋଦା ହାଉସ୍, ପି.ବି. ନଂ.: ୫୦୬, ମାଣ୍ଡଭି, ବରୋଦା-୩୯୦୦୦୬/ଆଞ୍ଚଳିକ କାର୍ଯ୍ୟାଳୟ: ବରୋଦା ସୂର୍ଯ୍ୟ ଭବନ, ମେନ୍ ରୋଡ୍, ବିଷ୍ଟୁପୁର, ଜାମସେଦପୁର - ୮୩୧୦୦୧ / ଶାଖା କାର୍ଯ୍ୟାଳୟ : ଜାମସେଦପୁର ମୁଖ୍ୟ ଶାଖା, ବ୍ୟାଙ୍କ ଅଫ୍ ବରୋଦା ବିଲ୍ଡିଂ, ମେନ୍ ରୋଡ୍, ବିଷ୍ଟୁପୁର, ଜାମସେଦପୁର - ୮୩୧୦୦୧

ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି, ପରିଶିଷ୍ଟ - IV-ଏ [ନିୟମ ୮ (୬)ର ବ୍ୟବସ୍ଥାପନ ଦେଖନ୍ତୁ]

ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୮(୬) ଅଧୀନରେ ସ୍ଥାବର ସମ୍ପତ୍ତିର ଇ-ନିଲାମ ନିମନ୍ତେ ବିକ୍ରୟ ନୋଟିସ। ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ବନ୍ଧକ ଋଣଦାତାଙ୍କ ନିକଟରେ ବନ୍ଧକ / ପ୍ରଭାରିତ ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାର ଦଖଲ ବ୍ୟାଙ୍କ ଅଫ୍ ବରୋଦାର ପ୍ରାଧିକୃତ ଅଧିକାରୀ, ବନ୍ଧକ ଋଣଦାତାଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ନିମ୍ନଲିଖିତ ଖାତା/ଗୁଡ଼ିକରୁ ବକେୟା ଦେୟ ଆଦାୟ ପାଇଁ "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି" ଏବଂ "ସେଠାରେ ଯାହା ବି ଅଛି" ଭିତ୍ତିରେ ନିମ୍ନଦର୍ଶିତ ତାରିଖରେ ବିକ୍ରି କରାଯିବ। ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ଗଣ / ବନ୍ଧକ ପରିସମ୍ପତ୍ତି/ଗୁଡ଼ିକ / ବକେୟା ଦେୟ / ସଂରକ୍ଷିତ ମୂଲ୍ୟ / ଇ-ନିଲାମ ତାରିଖ ଓ ସମୟ, ଇଏମ୍‌ଡି ଏବଂ ବିଡ୍ ବୃଦ୍ଧି ପରିମାଣ ତଳେ ଦର୍ଶାଯାଇଛି:-

ସ୍ଥାବର ସମ୍ପତ୍ତି / ବନ୍ଧକ ପରିସମ୍ପତ୍ତିଗୁଡ଼ିକର ବର୍ଣ୍ଣନା

| କ୍ର. ସଂ. | ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ଗଣଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତସାରରେ ଥିବା ଋଣଭାର, ଯଦି ଥାଏ | ମୋଟ ବକେୟା ଦେୟ / ଇ-ନିଲାମର ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / ଇଏମ୍‌ଡି ଏବଂ / ବିଡ୍ ବୃଦ୍ଧି ପରିମାଣ | ଦଖଲର ସ୍ଥିତି (ସାଙ୍କେତିକ/ବାସ୍ତବିକ) /ସମ୍ପତ୍ତି ନିରୀକ୍ଷଣର ତାରିଖ ଓ ସମୟ |
|---|---|---|---|---|---|
| ୧. | **ମେସର୍ସ ପାଣ୍ଡାଗନ କନ୍‌ଷ୍ଟ୍ରକ୍ସନ୍ ପ୍ରା. ଲିଃ** ମାର୍ଫତ୍ ଓରାକଲ, ୭ମ ଫେଜ୍, ସି-୧, ସି-୨ (ପି) ଓ ଏନ୍‌ଏସ୍-୧୬ ଏବଂ ୧୭ (ପି), ଆଦିତ୍ୟପୁର ଇଣ୍ଡଷ୍ଟ୍ରିଆଲ ଏରିଆ, ଓମ୍ନି ଅଟୋ ପାଖ, ଆଦିତ୍ୟପୁର, ଜାମସେଦପୁର-୮୩୨୧୦୮। ଆହୁରି ମଧ୍ୟ ସ୍ଥାନ: ସିଆର୍ ରୋଡ୍ ପ୍ରେମଚନ୍ଦ ପଥ, ନାଗାଡୁଙ୍ଗ୍ରି, ମୀରା ପଥ, ବରିଡିହ ବସ୍ତି, ଡାକଘର: ବରିଡିହ, ଜାମସେଦପୁର-୮୩୧୦୧୭। ଆହୁରି ମଧ୍ୟ ସ୍ଥାନ: ପ୍ଲଟ୍ ନଂ.୨୫୫, ୨୬୬, ସ୍ଥାନ-ହେଂସରା, ଡାକ: ରସୁଣଚୋପା, ଅଫ୍ ତାରା ଡିରିଂ ରୋଡ୍, ଭାୟା ଟାଟା - ନଗର, ପୂର୍ବ ସିଂହଭୂମ, ଝାଡ଼ଖଣ୍ଡ-୮୩୨୦୦୨ **ଶ୍ରୀ ସୁଶୀଳ କୁମାର ଅଗ୍ରୱାଲ (ନିର୍ଦ୍ଦେଶକ):** ଡୁପ୍ଲେକ୍ସ-୨୬, ବିଜୟା ହେରିଟେଜ୍, ଅନୀଲ ସୁର ପଥ, ଉଲିୟାନ, କାଦମା, ଜାମସେଦପୁର-୮୩୧୦୦୫, ଝାଡ଼ଖଣ୍ଡ **ଶ୍ରୀ ବମ୍‌ବମ୍ କୁମାର ଚୌଧରୀ (ନିର୍ଦ୍ଦେଶକ):** ଘ.ନଂ.୩୧୦୪, ପ୍ରେମ ଚନ୍ଦ ପଥ, ବରିଡିହ ବସ୍ତି, ନାଗାବାବା ମନ୍ଦିର ପାଖ, ବରିଡିହ କଲୋନୀ, ଡାକ- ବରିଡିହ, ଜାମସେଦପୁର-୮୩୧୦୧୭, ଝାଡ଼ଖଣ୍ଡ **ଶ୍ରୀ ରାଜେଶ କୁମାର ଯାଦବ (ନିର୍ଦ୍ଦେଶକ):** ବହଳଦା, ଥାନା- ବହଳଦା, ଜିଲ୍ଲା- ମୟୂରଭଞ୍ଜ, ଓଡ଼ିଶା-୭୫୭୦୪୬ **ଶ୍ରୀମତୀ ନେହା ସାହୁ (ନିର୍ଦ୍ଦେଶକ):** ଟିଏରା, ଏଫ୍-୧୬୦୪, ଲୋଢା ସ୍ପ୍ଲେଣ୍ଡୋରା, ଭ୍ୟଣ୍ଡରପଡ଼ା, ଜି ବି ରୋଡ୍, ଠାଣେ (ପଶ୍ଚିମ), ମୁମ୍ବାଇ - ୪୦୦୬୧୫, ମହାରାଷ୍ଟ୍ର **ମେସର୍ସ ଓରାକଲ୍ କନ୍‌ସଲଟାନ୍ସି ପ୍ରା. ଲିଃ:** ୧୧୮ ଓ ୧୧୯, ଆଶିୟାନା ଟ୍ରେଡ୍ ସେଣ୍ଟର, ଟାଟା-କାନ୍ଦ୍ରା ମେନ୍ ରୋଡ୍, ଆଦିତ୍ୟପୁର, ଜାମସେଦପୁର-୮୩୧୦୧୩, ଝାଡ଼ଖଣ୍ଡ **ଶ୍ରୀମତୀ ଶାନ୍ତୁନ ଦେବୀ (ନିର୍ଦ୍ଦେଶକ):** ଘ.ନଂ. ୩୧୦୪, ପ୍ରେମ ଚନ୍ଦ ପଥ, ବରିଡିହ ବସ୍ତି, ନାଗାବାବା ମନ୍ଦିର ପାଖ, ବରିଡିହ କଲୋନୀ, ଡାକ- ବରିଡିହ, ଜାମସେଦପୁର-୮୩୧୦୧୭, ଝାଡ଼ଖଣ୍ଡ | ମେସର୍ସ ଓରାକଲ୍ କନ୍‌ସଲଟାନ୍ସି ପ୍ରା. ଲିଃ ନାମରେ ଆଶିଆନା ଟ୍ରେଡ୍ ସେଣ୍ଟର ରୂପେ ପରିଚିତ ଭବନର ପ୍ରଥମ ମହଲାରେ ୫୭୫ ବର୍ଗଫୁଟର ସୁପର ବିଲ୍ଟ ଅପ୍ ଏରିଆର ନଂ.୧୧୮ ନାମକ ଗୋଟିଏ ଅଫିସ୍ ପରିସରର ସମାନ ବନ୍ଧକ। | ଟ.୧,୪୯,୧୯,୩୧୩.୨୩/- + ୦୧।୦୪।୨୦୨୧ଠାରୁ ଲାଗୁ ସୁଧ ଏବଂ ଶୁଳ୍କ ୩୦।୧୨।୨୦୨୨ ଅପରାହ୍ନ ୨.୦୦ ଘଟିକାରୁ ୬.୦୦ ଘଟିକା | ଟ.୨୮,୯୮,୦୦୦/- ଟ.୨,୮୯,୮୦୦/- ଟ.୨୮,୯୮୦/- | ବାସ୍ତବିକ ଦଖଲ ୨୮।୧୨।୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୦୧.୦୦ ଘଟିକା |

ନିୟମ ଏବଂ ସର୍ତ୍ତାବଳୀ: ଆଗ୍ରହୀ ବିଡରମାନେ ସର୍ବଶେଷ ତା୨୯।୧୨।୨୦୨୨ରିଖ ସୁଦ୍ଧା www.mstcecommerce.comରେ ଲଗ୍ ଇନ୍ କରି ଅନ୍‌ଲାଇନ୍‌ରେ ଇଏମ୍‌ଡି ରାଶି ଜମା କରିବେ। ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ୱେବ୍‌ସାଇଟ୍: https://www.bankofbaroda.in/e-auction.htm, www.mstcecommerce.com ଏବଂ www.ibapi.in ପରିଦର୍ଶନ କରନ୍ତୁ। ଆହୁରି ମଧ୍ୟ, ସମ୍ଭାବ୍ୟ ବିଡରମାନେ ପ୍ରାଧିକୃତ ଅଧିକାରୀ ଏବଂ ମୁଖ୍ୟ ପ୍ରବନ୍ଧକ ଶ୍ରୀ ନେମହାସ କିସ୍‌ପୋଟ୍ଟା, ଜାମସେଦପୁର ମୁଖ୍ୟ ଶାଖା, ଜାମସେଦପୁର, ମୋ.: ୯୦୬୫୭୩୭୭୮୬ଙ୍କ ସହିତ ଯୋଗାଯୋଗ କରିପାରନ୍ତି।
ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଏଠି ସ୍କାନ୍ କରନ୍ତୁ
ତାରିଖ : ୧୪।୧୨।୨୦୨୨ | ସ୍ଥାନ : ଜାମସେଦପୁର
ସ୍ୱା./- ପ୍ରାଧିକୃତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ଶୀତରେ ଥରୁଛି କେନ୍ଦୁଝର

କେନ୍ଦୁଝର,(ଡି.ଏନ୍.ଏ): କେନ୍ଦୁଝରରେ କିଛିଦିନ ହେଲା ପ୍ରବଳ ଶୀତ ଅନୁଭୂତ ହେଉଛି। ସକାଳ ସମୟରେ ୯ ଟାରୁ ୧୦ଟା ପର୍ଯ୍ୟନ୍ତ କୁହୁଡ଼ି ରହୁଥିବା ବେଳେ ସନ୍ଧ୍ୟା ସମୟରେ ଥଣ୍ଡାର ପ୍ରକୋପ ବଢ଼ିଯାଉଛି। ବିଭିନ୍ନ ଛକ ଗୁଡ଼ିକରେ ଲୋକମାନେ ନିଆଁ ଜାଳି ସେକି ହେଉଥିବା ଲକ୍ଷ୍ୟ କରାଯାଉଛି। ରାତିର ତାପମାତ୍ରା ୧୦/୧୧ ଡିଗ୍ରୀ ତଳକୁ ଖସି ଆସୁଛି। କେନ୍ଦୁଝର ସହର ବ୍ୟତୀତ ଯୋଡ଼ା, ବଡ଼ବିଲ, ପାଟଣା, କିରିବୁର ଆଦି ସ୍ଥାନମାନଙ୍କରେ ମଧ୍ୟ ପ୍ରବଳ ଶୀତ ହେଉଛି।

## ସଂକ୍ଷେପରେ

### ଛୁରାମାଡ଼ରେ ସାଙ୍ଗ ଗୁରୁତର

ମୋରଡ଼ା,୧୩।୧୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ସାଙ୍ଗଙ୍କ ଛୁରାମାଡ଼ରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ. ୩୮୨/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ମୋରଡ଼ା ପଞ୍ଚାୟତ ଅନ୍ତର୍ଗତ ସନ୍ନ୍ୟାସୀ ଗ୍ରାମର କନ୍ଦା ବାସ୍କେ ଏବଂ ସାଇବା କାଳନ୍ଦୀ ମଙ୍ଗଳବାର ନିକଟସ୍ଥ ଏକ ହାଣ୍ଡିଆ ଦୋକାନକୁ ଯାଇଥିଲେ। ସେଠାରୁ ଫେରିବା ପରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ କନ୍ଦା ଏକ ଛୁରିରେ ସାଇବାଙ୍କ ପେଟକୁ ଭୁସି ଦେବାରୁ ତାଙ୍କ ଅନ୍ତବୁଜୁଳା ବାହାରିପଡ଼ିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଛନ୍ତି। ମୋରଡ଼ା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ତଦନ୍ତ ଜାରି ରଖିଛନ୍ତି।

### କକାଙ୍କୁ ହତ୍ୟା ଘଟଣା: ପୁତୁରା ଗିରଫ

ପାଟଣା/ଡେଙ୍କିକୋଟ୍,୧୩।୧୨(ସ୍ୱ.ପ୍ର./ଡି.ଏନ୍.ଏ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚିନାମାଳିପଶି ପଞ୍ଚାୟତ କେତାଙ୍ଗ ଗ୍ରାମ ମଝି ସାହିରେ ପଥର ହୁଡ଼ି ବିବାଦରୁ କକାଙ୍କ ମୁଣ୍ଡରେ ପଥର ଛେଚି ପୁତୁରା ହତ୍ୟା କରିଥିଲେ। ଏନେଇ ଅଭିଯୋଗ ପରେ ଘଟଗାଁ ପୋଲିସ ନଂ. ୨୬୦/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ମଙ୍ଗଳବାର ପୁତୁରା କରୁଣାକର ଗିରି(୪୮)ଙ୍କୁ ଗିରଫ କରିଛି। କରୁଣାକର ହତ୍ୟାକାଣ୍ଡ ଭିଆଇ ପାଟଣା ବ୍ଲକ୍ ଟାଙ୍ଗରପଡ଼ାର ଜଣେ ସମ୍ପର୍କୀୟଙ୍କ ଘରେ ଆତ୍ମଗୋପନ କରିଥିଲା। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ଘଟଗାଁ ଥାନାଧିକାରୀ ପ୍ରତିଭା ସାହୁ କହିଛନ୍ତି।

### ଟ୍ରେନ୍ ଧକ୍କାରେ ଷ୍ଟେଶନ ସୁଇପରଙ୍କ ମୃତ୍ୟୁ

ଡେଙ୍କିକୋଟ୍,୧୩।୧୨(ଡି.ଏନ.ଏ): କେନ୍ଦୁଝର ଜିଲା ଦୈତାରୀ ବାଉଁଶପାଣି ଟ୍ରେନ୍ ଲାଇନ ସୀତାବିଞ୍ଜି ଷ୍ଟେଶନରେ ମଙ୍ଗଳବାର ଟ୍ରେନ୍ ଧକ୍କାରେ ସୀତାବିଞ୍ଜି ଷ୍ଟେଶନ ସୁଇପରଙ୍କ ମୃତ୍ୟୁ ହୋଇଛି। ମୃତ ସୁଇପର ଷ୍ଟେଶନ ନିକଟସ୍ଥ ତଣ୍ଡିବେଡ଼ା ଗ୍ରାମର ମହେନ୍ଦ୍ର ମହାରଣା (୫୫)। ସୂଚନା ମୁତାବକ, ସେ ସକାଳୁ କେନ୍ଦୁଝରରୁ ଆସି ୭ଟାରେ ସୀତାବିଞ୍ଜି ଷ୍ଟେଶନରେ ଓହ୍ଲାଇଥିଲେ। ରେଲ ଲାଇନ୍‌ରେ ଅନ୍ୟ ପ୍ଲାଟଫର୍ମକୁ ଯାଉଥିବା ସମୟରେ ମାଲବାହୀ ଟ୍ରେନ୍ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ରେଲୱେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଡାକ୍ତରଖାନାକୁ ପଠାଇଥିଲା। ସେ ଅସ୍ଥାୟୀ ଭାବେ କାମ କରୁଥିବା ବେଳେ ସେଠାକାର ଷ୍ଟାଫ୍‌ମାନେ ତାଙ୍କୁ ମାସିକ ପାଉଣା ହିସାବରେ ୫ ହଜାର ଦେଉଥିଲେ। ମୃତକଙ୍କ ପରିବାରକୁ ରେଲୱେ ବିଭାଗ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ମେସିନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକୁ ବିରୋଧ

ଜଳେଶ୍ୱର, ୧୩।୧୨(ଡି.ଏନ୍.ଏ.): ବାଲେଶ୍ୱର ଜିଲ ଜଳେଶ୍ୱର ବ୍ଲକ କଳମା ପଞ୍ଚାୟତରେ କେତେକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଲାଗି ଅର୍ଥ ମଞ୍ଜୁର ହୋଇଥିବା ବେଳେ ଜେସିବିରେ ମାଟିଖୋଳା ଚାଲିଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଓ ଅନ୍ୟ କେତେକ ପଦାଧିକାରୀ ଜେସିବି (ନଂ. ଓଡି୦୧କେ ୮୬୩୫) ସହାୟତାରେ ମାଟି ଖୋଳି ମନ୍ଦିର ପ୍ରାଙ୍ଗଣରେ ପକାଇ ସମତୁଲ କରିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଗାଁର ଜବ୍‌କାର୍ଡଧାରୀଙ୍କ ଦ୍ୱାରା ହେବାକୁ ଥିବା ବେଳେ ତାହା ହୋଇ ନ ଥିବାରୁ ଗ୍ରାମବାସୀ ବିରୋଧ କରିଥିଲେ। ୱାର୍ଡମେମ୍ବର ଶିଶିର କୁମାର ପ୍ରଧାନ ପଚରାଉଚୁରା କରିଥିଲେ ମଧ ଏଥିପ୍ରତି କେହି ଗୁରୁତ୍ୱ ଦେଇ ନ ଥିଲେ। ପରବର୍ତ୍ତୀ ସମୟରେ ଗ୍ରାମବାସୀ ବ୍ଲକ ଓ ଜିଲା ପ୍ରଶାସନକୁ ଜଣାଇବାରୁ ଜେସିବି ଘଟଣାସ୍ଥଳରୁ ପଳାଇଥିଲା। ଗ୍ରାମବାସୀଙ୍କ ଦ୍ୱାରା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ କରାଯିବାକୁ ୱାର୍ଡମେମ୍ବର ପ୍ରଧାନ ଦାବି କରିଛନ୍ତି।

### ଚକ୍ଷୁ ପରୀକ୍ଷା ଶିବିର

କୁଳିଅଣା,୧୩।୧୨(ସ୍ୱ.ପ୍ର.): କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନ ରଙ୍ଗାମାଟିଆ, ରାସଗୋବିନ୍ଦପୁର ଆନୁକୁଲ୍ୟରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୧ ଜଣ ବୃଦ୍ଧା ବୃଦ୍ଧଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୨୭ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା। ସଂଯୋଜକ ରାକେଶ କୁମାର ନାଏକ, ଚକ୍ଷୁ ସହାୟକ ରିତା ମହାନ୍ତି, ଷ୍ଟାଫ ନର୍ସ ସବିତା ଧଳ ଶିବିର ପରିଚାଳନା କରିଥିଲେ।

# ଯାତ୍ରା ପରିବେଷଣକୁ ପରୀକ୍ଷାର୍ଥୀଙ୍କ ବିରୋଧ

■ ଅନୁକମ୍ପା ଦେଖାଉଛି ପ୍ରଶାସନ
■ ସୁରକ୍ଷା ବ୍ୟବସ୍ଥା ଢିଲା

ଭୋଗରାଇ,୧୩।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଞ୍ଚଳରେ ଯାତ୍ରା ପରିବେଷଣକୁ ଛାତ୍ରୀଛାତ୍ର, ଶିକ୍ଷକ ଓ ଶିକ୍ଷାପ୍ରେମୀ ତୀବ୍ର ବିରୋଧ କରିଛନ୍ତି। ପରୀକ୍ଷା ବେଳରେ ସ୍କୁଲ କଲେଜ ନିକଟରେ ଦିବାରାତ୍ର ଡାକବାଜୀ ଯନ୍ତ୍ରର ଗୁରୁଗର୍ଜନ ଛାତ୍ରୀଛାତ୍ର ଓ ପରୀକ୍ଷାର୍ଥୀଙ୍କ ପାଇଁ କାଳ ହୋଇଛି। ପ୍ରଶାସନର ଆଡୁଆଳରେ ଯାତ୍ରା ପରିବେଷଣ ସହିତ ଆଖପାଖ ସ୍ଥାନରେ ଆଇନଶୃଙ୍ଖଳା ବିଗୁଡୁଥିବାର ମଧ୍ୟ ଅଭିଯୋଗ ହୋଇଛି।

ପ୍ରଶାସନର ଅନୁକମ୍ପା ଯୋଗୁ ରାଜସ୍ୱ ବିଭାଗର ବିପୁଳ ରାଜସ୍ୱ କ୍ଷତି ହେଉଛି। ସ୍କୁଲ କଲେଜ ପାଖରେ ଯାତ୍ରା ପରିବେଷଣ ଆଇନ୍ ବିରୋଧୀ ହୋଇଥିବା ବେଳେ ଭୋଗରାଇ ଆର୍‌ଆଇଏସ୍‌ଏସ୍ କଲେଜ ପଛ ଓ ଶିଶୁ ମନ୍ଦିର ସମ୍ମୁଖ ସରକାରୀ ଜାଗାରେ ରବିବାରଠାରୁ ଯାତ୍ରା ପରିବେଷଣ କରାଯାଉଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲା ରେଡକ୍ରସ୍‌କୁ ୧ରୁ ୨ହଜାର ପର୍ଯ୍ୟନ୍ତ ଟଙ୍କା ଦେଇ ଯାତ୍ରା ପାର୍ଟି ପରମିଶନ ଆଣୁଥିବା ବେଳେ ଦର୍ଶକଙ୍କ ସଂଖ୍ୟା କମ୍ ଦେଖାଇ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଥିବା ଅଭିଯୋଗ ହେଉଛି। ଅଦ୍ୟାବଧି ଭୋଗରାଇ ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ଯାତ୍ରା ପାର୍ଟି ବେଆଇନ୍ ଭାବେ ଯାତ୍ରା ପରିବେଷଣ କରି ୧କୋଟିର ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ସୂଚନା ମିଳିଛି। ଯାତ୍ରା କମିଟି ସଦସ୍ୟ, ପୋଲିସ ଓ ରାଜସ୍ୱ ବିଭାଗର ସଲାସୁତରାରେ ରାଜସ୍ୱ ଓ ପ୍ରମୋଦକର ଫାଙ୍କିବା ସହ ଯାତ୍ରା ପେଣ୍ଡାଲ ପରିସରରେ ଗଣ୍ଡଗୋଳ ହୋଇ ଆଇନଶୃଙ୍ଖଳା ବିଗୁଡୁଥିବାରୁ ପୋଲିସ ନୀରବଦ୍ରଷ୍ଟା ସାଜୁଛି। ଯାତ୍ରା ହେଉଥିବା ପରିସର ମଧ୍ୟରେ ଆକସ୍ମିକ ଦୁର୍ଘଟଣା ନିମନ୍ତେ ଅଗ୍ନି ନିର୍ବାପନ ବ୍ୟବସ୍ଥା ନ ଥିବାରୁ ଦର୍ଶକଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାତ୍ରା ପାର୍ଟି ଡାକବାଜୀ ଯନ୍ତ୍ରର କାନଫଟା ଶବ୍ଦରେ ସ୍ଥାନୀୟ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସିତ ହେଉଥିବା ରୋଗୀମାନେ ଅସୁବିଧାରେ ପଡୁଥିବା ବେଳେ ସ୍ଥାନୀୟ ସ୍କୁଲକଲେଜରେ ପାଠ ପଢ଼ା ଗୁରୁତର ଭାବେ ବ୍ୟାଘାତ ଘଟୁଛି। ଶବ୍ଦ ପ୍ରଦୂଷଣ ରୋକିବାରେ ପ୍ରଶାସନ ଏକ ପ୍ରକାର ବିଫଳ ହୋଇଥିବା ବେଳେ ଛାତ୍ରୀଛାତ୍ରଙ୍କ ପରୀକ୍ଷା ବେଳରେ ସ୍କୁଲକଲେଜ ସଂଲଗ୍ନ ଅଞ୍ଚଳରେ ଯାତ୍ରା ପରିବେଷଣ ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଭୋଗରାଇ ତହସିଲଦାର କମଳାକାନ୍ତ ପଣ୍ଡାଙ୍କୁ ପଚାରିବାରୁ ଯାତ୍ରା ପାର୍ଟିକୁ ଉପ-ଜିଲାପାଳ ପରମିଶନ ଦେଇଥିବା କହିଛନ୍ତି। ତେବେ ଉପ-ଜିଲାପାଳ ଦାୟିତ୍ୱରେ ଥିବା କିଶୋର ଚନ୍ଦ୍ର ସ୍ୱାଇଁ କହିଛନ୍ତି ଲିଖିତ ଅଭିଯୋଗ ଆସିଲେ ତଦନ୍ତ ହୋଇ ବେଆଇନ୍ କାର୍ଯ୍ୟ କରିଥିବା ଯାତ୍ରା ପାର୍ଟି ପରିଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଚଳଚ୍ଚିତ୍ର ନିର୍ମାଣ କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ଅଫିସ,୧୩।୧୨

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସାମ୍ବାଦିକ, ଗଣ ଯୋଗାଯୋଗ ବିଭାଗ ଓ ୟୁନିସେଫ୍‌ର ମିଳିତ ସହଯୋଗରେ ଏକ ଚଳଚ୍ଚିତ୍ର ନିର୍ମାଣ କର୍ମଶାଳା ଆରମ୍ଭ ହୋଇଛି। ଶିଶୁମାନଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ସମାଧାନ ଓ ସେମାନଙ୍କର ଶାରୀରିକ ଓ ମାନସିକ ବିକାଶ ପରିପ୍ରେକ୍ଷୀରେ ଆୟୋଜନ କରାଯାଉଥିବା ଏହି କର୍ମଶାଳାରେ ୩ଟି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରସ୍ତୁତ କରିବାର ଯୋଜନା ରହିଛି। ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ୟୁନିସେଫ୍‌ର ସହଯୋଗ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ କୁକୁମିନା ଦାସ ଯୋଗଦେଇ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ କର୍ମଶାଳାରେ ମାଧ୍ୟମରେ ପିଲାମାନେ ଚଳଚ୍ଚିତ୍ର ନିର୍ମାଣ ବିଷୟରେ ବହୁ କଥା ଶିଖିପାରିବେ ବୋଲି ଆଶାପ୍ରକାଶ କରିଥିଲେ। ଚିତ୍ରଶିଳ୍ପୀ ଅର୍ଜୁନ ସାମନ୍ତରାୟ, ମାନସ ପଡ଼ିଆରୀ ଓ ମୋହିତ ତ୍ରିପାଠୀ ଚଳଚ୍ଚିତ୍ର ନିର୍ମାଣ ବିଷୟରେ କର୍ମଶାଳାରେ ଅଂଶଗ୍ରହଣ କରୁଥିବା ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେବା ସହ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କାର୍ଯ୍ୟକ୍ରମ ରହିଛି।

ସଭା ଆରମ୍ଭରେ ସାମ୍ବାଦିକ ଓ ଗଣ ଯୋଗାଯୋଗ ବିଭାଗର ମୁଖ୍ୟ ଡ. ଭାରତୀବାଳା ପଟ୍ଟନାୟକ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବିଭାଗର ସହକାରୀ ପ୍ରାଧ୍ୟାପକ ଡ, ଅଶେଷ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ରାସ୍ତାରୋକୋ


ରାସ୍ତାରୋକୋ କରିଥିବା ଗ୍ରାମବାସୀ।

**ଦମ୍ପତିଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେବା ଘଟଣା**

ବାରିପଦା ଅଫିସ/
କପ୍ତିପଦା,୧୩।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ନୂଆସାହି ଗ୍ରାମର ଏକ ଦମ୍ପତିଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁନାହିଁ। ସେ ଖୁଲମଖୁଲା ବୁଲୁଥିବା ବେଳେ ପୋଲିସ ନୀରବଦ୍ରଷ୍ଟା ସାଜିଛି। ଅନ୍ୟପକ୍ଷରେ ଅଭିଯୁକ୍ତ ଗାଁରେ ଥିବା ପାଣି ଟାଙ୍କିରେ ବିଷ ପକାଇ ଗ୍ରାମବାସୀଙ୍କୁ ମାରିଦେବେ ଦେବେ ବୋଲି ଧମକ ଦେବା ପରେ ଉତ୍ତ୍ୟକ୍ତ ଲୋକେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଉଦଳା-ଠାକୁରମୁଣ୍ଡା ରାସ୍ତାର ପୋଡ଼ାଡ଼ିହା ଛକରେ ଶତାଧିକ ମହିଳାପୁରୁଷ ଏକତ୍ରିତ ହୋଇ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଉଦଳା ବିଧାୟକ ଭାସ୍କର ମଢ଼େଇ ଓ ଥାନାଧିକାରୀ ବିକ୍ରମ କେଶରୀ ଜେନା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହିତ ସପ୍ତାହକ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବା ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ, ଗତ ନଭେମ୍ବର ୨୭ ରାତିରେ ଅର୍ଜୁନ ଦଣ୍ଡାପଟ ଓ ତାଙ୍କ ସ୍ତ୍ରୀ ସୁମତୀ ଘରେ ଶୋଇଥିଲେ। ପୂର୍ବ ଶତ୍ରୁତାକୁ ନେଇ ବିଳମ୍ବିତ ରାତିରେ ସେହି ଗ୍ରାମର ଜଣେ ଯୁବକ ସେମାନଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇ ଫେରାର ହୋଇଯାଇଥିଲେ। ନିଆଁରେ ପୋଡ଼ି ଉକ୍ତ ଦମ୍ପତି ଗୁରୁତର ଅବସ୍ଥାରେ ବାରିପଦା ପିଆର୍‌ଏମ୍ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଘଟଣାର ୧୨ଦିନ ପରେ ଗତ ୮ ତାରିଖରେ ଅର୍ଜୁନଙ୍କ ମୃତ୍ୟୁ ଘଟିଥିବା ବେଳେ ସୁମତୀ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣାର ୧୬ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି ପଡ଼ିଛି। ଅଭିଯୁକ୍ତ ଗାଁରେ ନିର୍ଭୟରେ ବୁଲୁଥିବା ବେଳେ ପୋଲିସ ତାଙ୍କୁ ଗିରଫ କରୁନାହିଁ। ପ୍ରତିବାଦରେ ଲୋକେ ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ଫଳରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ପୋଲିସର ଅପାରଗତା କାରଣରୁ ଲୋକେ ଭୟଭୀତ ଅବସ୍ଥାରେ ଜୀବନଯାପନ କରୁଛନ୍ତି ବୋଲି ପ୍ରାକ୍ତନ ସମିତିସଭ୍ୟ ରତିକାନ୍ତ ସାହୁ, ଗ୍ରାମର ସତ୍ୟଭାମା ଦଣ୍ଡାପାଟ, ବୀଣା ରାଉତ, ତିଲୋତ୍ତମା ନାଏକ ଓ ତୁଳସୀ ପ୍ରଧାନ ପ୍ରକାଶ କରିଛନ୍ତି ।

## କୋଇଲା ଚୋରା ଚାଲାଣ, ଯୁବକ ଗିରଫ

**ଚଳନ୍ତା ଟ୍ରେନ୍‌ରୁ ଚୋରି କରୁଥିଲେ**

ଭଦ୍ରକ ଅଫିସ, ୧୩।୧୨

ଭଦ୍ରକ ଜିଲା ସଦର ବ୍ଲକ ରନ୍ଥିଲାଠାରେ ଚଳନ୍ତା ଟ୍ରେନ୍‌ରୁ କୋଇଲା ଚୋରି ଓ ଚୋରା ଚାଲାଣ କରୁଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ସୋମବାର ରାତିରେ ଗ୍ରାମାଞ୍ଚଳ ଥାନା ପୋଲିସ ଗିରଫ କରିଛି। ସେ ହେଲେ ରନ୍ଥିଲା ଗ୍ରାମର ରାଜେଶ କୁମାର ମହାପାତ୍ର। ତାଙ୍କଠାରୁ ୩ ମୋବାଇଲ ଓ ୨୬ ହଜାର ୫ଶହ ଟଙ୍କା ଜବତ କରାଯାଇଥିବା ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ରାଜେଶ ଦୀର୍ଘଦିନରୁ ବିଭିନ୍ନ ଉପାୟରେ କୋଇଲା ଚୋରି କରୁଥିଲେ। ଗତ ନଭେମ୍ବର ୪ରେ ତାଙ୍କ ନାମରେ ଗ୍ରାମାଞ୍ଚଳ ଥାନାରେ ମାମଲା (ନଂ.୫୫୫/୨୨) ରୁଜୁ କରାଯାଇଥିଲା। ପୂର୍ବରୁ ବିଭିନ୍ନ ଥାନାରେ ମଧ୍ୟ ତାଙ୍କ ନାଁରେ ବହୁ ମାମଲା ରହିଛି।

## ଚିଟ୍‌ଫଣ୍ଡ ମାମଲା: ଏମସ୍ ମାର୍କେଟିଂର ଏମ୍‌ଡି ଦୋଷୀ ସାବ୍ୟସ୍ତ

ବାଲେଶ୍ୱର ଅଫିସ, ୧୩।୧୨

ବାଲେଶ୍ୱରସ୍ଥିତ ଚିଟ୍‌ଫଣ୍ଡ ଅଦାଲତ ବିଚାରପତି ବିଶ୍ୱଜିତ ଦାସ ଏମସ୍ ମାର୍କେଟିଂ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଦିବ୍ୟକେଶରୀ ମହାନ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ବୁଧବାର ଦଣ୍ଡବିଧାନ ଶୁଣାଣି ହେବାର ସୂଚନା ମିଳିଛି। ଏମସ୍ ମାର୍କେଟିଂ ସଂସ୍ଥା ବିରୋଧରେ ପ୍ରାୟ କୋଟିଏରୁ ଅଧିକ ଟଙ୍କା ଠକେଇ ନେଇ ଅଭିଯୋଗ ହୋଇଥିଲା। ଏନେଇ ବାଲେଶ୍ୱର ଟାଉନ ଥାନାରେ ମାମଲା (ନଂ.୨୫/୧୫) ରୁଜୁ କରାଯାଇ ଦିବ୍ୟକେଶରୀଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ଏହି ମାମଲା ବାଲେଶ୍ୱର ଚିଟଫଣ୍ଡ ଅଦାଲତରେ ବିଚାରାଧୀନ ଥିଲା। ମଙ୍ଗଳବାର ବିଚାରପତି ୧୮ଜଣ ସାକ୍ଷ୍ୟ ଓ ୨୨ ଦସ୍ତାବିଜକୁ ଭିତ୍ତି କରି ଠକ ସଂସ୍ଥାର ମୁଖ୍ୟଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଣବ ପଣ୍ଡା ମାମଲା ପରିଚାଳନା କରିଥିଲେ।

# ବିଧାୟକ, ସରପଞ୍ଚଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଭିତ୍ତିପ୍ରସ୍ତର


ଅତିଥିମାନେ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

**କୃଷ୍ଣଦାସପୁରକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ମାନ୍ୟତା**

ଖଇରା,୧୩।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ କୃଷ୍ଣଦାସପୁର ଗ୍ରାମ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ ହେବା ପରେ ଗ୍ରାମର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ବନିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିଳାନ୍ୟାସ ଉତ୍ସବରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଆଦର୍ଶ ଗ୍ରାମ କେବଳ ଉନ୍ନୟନ କାର୍ଯ୍ୟରେ ନୁହେଁ ବରଂ ଗ୍ରାମବାସୀଙ୍କ କଥାବାର୍ତ୍ତା, ଚାଲିଚଳଣ ସବୁ କିଛି ଅନ୍ୟମାନଙ୍କ ପାଇଁ ନିଶ୍ଚୟ ଆଦର୍ଶ ପାଲଟିବ ବୋଲି କହିଥିଲେ । ଜିଲା ପରିଷଦ ମାନସ କୁମାର ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇ ନିକଟରେ ନିର୍ବାଚିତ ସରପଞ୍ଚଙ୍କ ଦକ୍ଷତା ପାଇଁ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ୮ମାସ ମଧ୍ୟରେ ଯଥେଷ୍ଟ ବିକାଶ ହୋଇପାରିଛି ବୋଲି କହିଥିଲେ। ସମିତିସଭ୍ୟା ବାସନ୍ତୀ ମହାନ୍ତି, ଏମ୍‌ବିକେ ପଙ୍କଜିନୀ ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିଦେବ ସୁନ୍ଦର ବରାଳ ଧନ୍ୟବାଦ ଅର୍ପଣ କରିବା ଅବସରରେ ଗ୍ରାମର ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ମହାସଂଘର ସିଆରପି, ୱାର୍ଡସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱଭୂଷଣ ପ୍ରଧାନ, ରବୀନ୍ଦ୍ର ମହାନ୍ତି, ଅକ୍ଷୟ ଦାସ, ସୁଦାମ ସାହୁ, ବସନ୍ତ ସାହୁ, ୱାର୍ଡ ସଭ୍ୟ ଅଭିମନ୍ୟୁ ପରମାଣିକ ପ୍ରମୁଖ ସହଯୋଗ କରିଥିଲେ।

# ଫେସ୍‌ବୁକ ମାଧ୍ୟମରେ ଦୁଇଗୋଷ୍ଠୀ ମଧ୍ୟରେ ଲଢ଼େଇ

**କାର୍ଯ୍ୟାନୁଷ୍ଠାନ ନେବାକୁ ଏସ୍‌ପିଙ୍କ ନିର୍ଦ୍ଦେଶ**

ଭଦ୍ରକ ଅଫିସ, ୧୩।୧୨

ଭଦ୍ରକ ପୁରୁଣାବଜାର ଅଞ୍ଚଳରେ ଗତ ୨ ମାସ ଧରି ଦୁଇ ରାଜନୈତିକ ଗୋଷ୍ଠୀ ମଧ୍ୟରେ ଲାଗିରହିଥିବା ବିବାଦ ଏବେ ଫେସ୍‌ବୁକ ଯୁଦ୍ଧରେ ପ୍ରତିଫଳିତ ହେଉଛି। ଉଭୟ ଗୋଷ୍ଠୀ ଫେସ୍‌ବୁକ ମାଧ୍ୟମରେ ବିଭିନ୍ନ ଆକ୍ଷେପମୂଳକ ମନ୍ତବ୍ୟ ସହ ଧମକ ମଧ୍ୟ ଦେଉଛନ୍ତି। ଏହା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପୋଲିସ ପକ୍ଷରୁ ଏକ ପ୍ରେସ୍ ବାର୍ତ୍ତା ଜରିଆରେ ସୂଚନା ଦିଆଯାଇଛି। ପୁରୁଣାବଜାର ଥାନା ପୋଲିସ ନିଜ ଆଡୁ ଏକ ମାମଲା(ନଂ.୨୯୧/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, ପୁରୁଣାବଜାର ଅଞ୍ଚଳର କେତେଜଣ ଯୁବକ ନକଲି ଫେସ୍‌ବୁକ ଆଇଡି ଖୋଲି ପ୍ରତିପକ୍ଷଙ୍କ ବିରୋଧରେ ଧମକପୂର୍ଣ୍ଣ ମନ୍ତବ୍ୟ ଦେଉଛନ୍ତି। ଆଉ କେତେଜଣ ମଧ୍ୟ ନିଜସ୍ୱ ଆଇଡି ମାଧ୍ୟମରେ ବିଭିନ୍ନ ପୋଷ୍ଟରେ ମନ୍ତବ୍ୟ ଦେଉଛନ୍ତି। ଏହା ଆଗକୁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ଥିବାରୁ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ତଦନ୍ତରେ ସ୍ୱତନ୍ତ୍ର ଭାବେ ଏକ ସାଇବର ଟିମ୍ ନିୟୋଜିତ ରହିଛି। ଯିଏ ଏହାର ମାଷ୍ଟରମାଇଣ୍ଡ ଏବଂ ଯେଉଁମାନେ ଏଥିରେ ପ୍ରତ୍ୟେକ୍ଷ ବା ପରୋକ୍ଷରେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଏସ୍‌ପି ଚରଣ ସିଂ ମୀନା ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପାଇପ୍ ଫାଟି ଜଳ ଯୋଗାଣ ବ୍ୟାହତ

କେନ୍ଦୁଝର,୧୩।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଶୁଆକାଟିସ୍ଥିତ ଆଶ୍ରମ ବିଦ୍ୟାଳୟ ନିକଟରେ ପାଇପ୍ ଫାଟି ଜଳ ଯୋଗାଣ ବ୍ୟାହତ ଘଟିଛି। ଫଳରେ ଶିକ୍ଷାନୁଷ୍ଠାନ, ଲୋକଙ୍କ ଘର ଆଦିକୁ ପାଣି ପହଞ୍ଚି ପାରୁନାହିଁ। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ କେହି ଶୁଣୁ ନ ଥିବାରୁ ଅସନ୍ତୋଷ ଦେଖାଦେଉଛି।

ସୂଚନାଯୋଗ୍ୟ, ଶୁଆକାଟି ଶିବ ମନ୍ଦିର ନିକଟରେ ରହିଥିବା ଓଭରହେଡ୍ ଟାଙ୍କିରୁ ପାଣି ଏହି ମୁଖ୍ୟ ପାଇପରେ ଛଡ଼ା ଯାଇଥାଏ। ସେଥିରୁ ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ଘରୋଇ ବ୍ୟବହାର ପାଇଁ ପାଇପ ଜରିଆରେ ଯୋଗାଇ ଦିଆଯାଇଥାଏ। ଭାରୀଯାନ ଚଳାଚଳ ଯୋଗୁଁ ପାଇପ୍‌ଟି ଚାପି ହୋଇ ଦୀର୍ଘଦିନ ହେଲା ଜଳ ଯୋଗାଣ ଠପ ହୋଇଯାଇଛି। ଖାମଖିଆଲ ଭାବରେ ପାଣି ପାଇପକୁ ରାସ୍ତା ଉପରେ କିମ୍ବା କମ ଗଭୀର ମାଟି ତଳେ ବିଛା ଯାଉଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ମାତ୍ର ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଏ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ବରିଷ୍ଠ ଆଇନଜୀବୀ ଏମଡି ହୁସେନ ତଥା ଅନ୍ୟମାନେ ଦାବି କରିଛନ୍ତି।


ଗାଡ଼ି ଚଢ଼ି ଫାଟି ଯାଇଥିବା ପାଇପ୍।

# ଅନୁକମ୍ପା ଆଶାରେ ଅଭାବୀ ପରିବାର

ଭଣ୍ଡାରିପୋଖରୀ, ୧୩।୧୨(ସ୍ୱ.ପ୍ର.)

ସବୁ ଠିକ୍‌ଠାକ୍ ଚାଲିଥିଲା। ଗୋଟିଏ ଦୁର୍ଘଟଣା ଭାଙ୍ଗିଦେଲା ପରିବାରର ସ୍ୱପ୍ନ। ଏବେ ୬ ପ୍ରାଣୀ କୁଟୁମ୍ବଙ୍କ ପାଇଁ ଦୁଇଓଳି ଭାତ ସାତସପନ ପାଲଟିଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ନିର୍ଗୁଣ୍ଡି ପଞ୍ଚାୟତ ଧାମନଗର ଛକଠାରେ ବସବାସ କରୁଥିବା ଲକ୍ଷ୍ମଣ ମୁର୍ମୁଙ୍କ ପରିବାର ଉପରେ ଦୁଃଖର କଳା ବାଦଲ ଛାଇଯାଇଛି।

ପରିବାର କହିଲେ ପୁଅ ମାନସିଂଙ୍କ ସହ ବୋହୂ ବାସନ୍ତୀ ଓ ନାତିନାତୁଣୀ ଚାରିଜଣଙ୍କୁ ନେଇ ଅଭାବୀ ସଂସାର ହସଖୁସିରେ ଚାଲିଥିଲା। ୮ ମାସ ପୂର୍ବରୁ ମାନସିକ ବିକୃତି ଯୋଗୁ ବୋହୂ କେଉଁଆଡ଼େ ଚାଲିଯାଇଛନ୍ତି। ଘରର ଏକମାତ୍ର ରୋଜଗାରିଆ ପୁଅ ମାନସିଂ ବୁଢ଼ା ବାପା ଲକ୍ଷ୍ମଣଙ୍କ ସହ ଚାରି ଛୁଆଙ୍କୁ ନେଇ ଯଥେକଷ୍ଟେ ସଂସାର ଚଳାଉଥିଲେ। ହେଲେ ତିନିମାସ ତଳେ ଏକ ସଡ଼କ ଦୁର୍ଘଟଣାରେ ମାନସିଂ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଅନୁକମ୍ପାମୂଳକ ସାହାଯ୍ୟ ସହଯୋଗ ଯୋଗୁ ମାନସିଂ କଟକ ଡାକ୍ତରଖାନାରୁ ଜୀବନ ପାଇ ଫେରି ଆସିଥିଲେ ସୁଦ୍ଧା ଏବେ ସେ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛନ୍ତି। ତାଙ୍କର ମେରୁଦଣ୍ଡ ହାଡ଼ ସହ ଶରୀରର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଆଉ କାର୍ଯ୍ୟକ୍ଷମ ହେଉନାହିଁ। ସେ ଏବେ ସେ ଶଯ୍ୟାଶାୟୀ ହୋଇଯାଇଛନ୍ତି। ତାଙ୍କ ବଡ଼ଝିଅ ଯମୁନା ଚଳିତବର୍ଷ ମାଟ୍ରିକ ପାସ୍ କରିଥିଲେ ସୁଦ୍ଧା ଇଚ୍ଛା ଥାଇ ମଧ ବାପାଙ୍କ ଏଭଳି ଅବସ୍ଥା ଦେଖି ଆଉ ପାଠ ପଢ଼ିପାରୁ ନାହାନ୍ତି। ଅନ୍ୟ ତିନି ଭାଇଭଉଣୀ ସ୍କୁଲରେ ପଢୁଥିଲେ ହେଁ ଆର୍ଥିକ ଅନଟନ ଶିକ୍ଷାରେ ବାଧକ ସାଜିଛି। ପରିସ୍ଥିତି ଏଭଳି ହୋଇଛି ଯେ ସେମାନେ ଓଳିଏ ଖାଇଲେ ଓଳିଏ ଉପବାସ ରହୁଛନ୍ତି। ସରକାରୀ ସହାୟତା କହିଲେ କେବଳ ୩୫ କେଜି ଚାଉଳ। ସରକାର ବିଭିନ୍ନ କ୍ଷେତ୍ରରେ ଆଦିବାସୀମାନଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏହି ପରିବାର ସେଥିରୁ ବଞ୍ଚିତ ହୋଇଛନ୍ତି। ଦୁର୍ଘଟଣା ପରେ ନା ମାନସିଂଙ୍କୁ ମିଳିଛି ସରକାରୀ ସହାୟତା ନା ଶିକ୍ଷା କ୍ଷେତ୍ରରେ ତାଙ୍କ ପିଲାମାନଙ୍କୁ ଗରିବ ପ୍ରୋତ୍ସାହନ ରାଶି। ସରକାରଙ୍କ ପକ୍ଷରୁ ସହାୟତା ମିଳିଲେ ମାନସିଂଙ୍କ ଚିକିତ୍ସା ସହ ତାଙ୍କ ପିଲାମାନେ ସୁବିଧାରେ ପାଠ ପଢ଼ିପାରନ୍ତେ ବୋଲି ଲକ୍ଷ୍ମଣ ଆଶାବ୍ୟକ୍ତ କରିଛନ୍ତି। ବ୍ଲକ, ଜିଲା ପ୍ରଶାସନ ଏବଂ ଲୋକପ୍ରତିନିଧି ଏହି ପରିବାର ପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ନିର୍ଗୁଣ୍ଡି ସରପଞ୍ଚ ସତ୍ୟବ୍ରତ ପାଲ କହିଛନ୍ତି, ତିନିମାସ ତଳେ ଦୁର୍ଘଟଣାରେ ଗୁରୁତର ହୋଇ ମାନସିଂ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ତିନିଦିନ ହେଲା ଘରକୁ ଫେରିଛନ୍ତି। ତେବେ ଅନ୍‌ଲାଇନରେ ତାଙ୍କର ଦିବ୍ୟାଙ୍ଗ ସାର୍ଟିଫିକେଟ ପାଇଁ ଆବେଦନ କରାଯାଇ ସହାୟତା ଯୋଗାଇବା ଦିଗରେ ପଦକ୍ଷେପ ନିଆଯିବ।


ବୃଦ୍ଧ ବାପା ଓ ପିଲାମାନଙ୍କ ସହ ମାନସିଂ।

**୪୫ ଦିନ ପରେ ଡକାୟତି ପର୍ଦ୍ଦାଫାଶ, ଜଣେ ଗିରଫ**

ଜଳେଶ୍ୱର, (ଡି.ଏନ୍.ଏ.): ଜଳେଶ୍ୱର ଥାନା ଖୁଲୁଡା ଗାଁର ଡକାୟତି ଘଟଣାରେ ପୋଲିସ ଦୀର୍ଘ ୪୫ଦିନ ପରେ ଜଣଙ୍କୁ ଗିରଫ କରିଛି। କାଳୀପୂଜା ଦିନ ଗାଁରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ଲାଗି ଅଜୟ ମହାପାତ୍ରଙ୍କ ପରିବାରବର୍ଗ ଯାଇଥିବା ବେଳେ ଘର ତାଲା ଭାଙ୍ଗି ଅଳଙ୍କାର, ନଗଦ ଟଙ୍କା ଓ ମୋବାଇଲକୁ ଦୁର୍ବୃତ୍ତମାନେ ନେଇଯାଇଥିଲେ। ଜଳେଶ୍ୱର ଥାନାରେ ମାମଲା(ନଂ.୪୫୦/୨୨) ରୁଜୁ ହୋଇଥିଲା। ପୋଲିସ ମୋବାଇଲ ଟ୍ରାକିଂ କରି ବାଲିଆପାଳ ଥାନାର ପାଳଜାମକୁଣ୍ଡା ଗାଁ ବିକାଶ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।



## ସଂକ୍ଷେପରେ

### ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରି ଯୁବକ ଗିରଫ

ପାଟଣା, ୧୩।୧୨(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳର ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ଅଭିଯୋଗରେ ସାହାରପଡ଼ା ଫାଣ୍ଡି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଉଛନ୍ତି ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଶନବଣୀ ଗାଁର ସତ୍ୟବାନ ମହାନ୍ତ(୨୮)। ଏନେଇ ପାଟଣା ଥାନାରେ ୨୫୭/୨୨ରେ ଏକ ମାମଲା ରୁଜୁ ହୋଇଥିବା ପାଟଣା ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ଓ ସାହାପଡ଼ା ଫାଣ୍ଡି ଅଧିକାରୀ ଶିବ ପ୍ରସାଦ ଆଇଚ କହିଛନ୍ତି।

### ସମନ୍ୱିତ ଶିଶୁ ସୁରକ୍ଷା କର୍ମଶାଳା

ବସ୍ତା, ୧୩।୧୨(ଡି.ଏନ.ଏ.): ଶିଶୁକୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରି ଗଢ଼ି ତୋଳିବା ମା'ବାପାଙ୍କ ବ୍ରତ ହେବା ଆବଶ୍ୟକ ବୋଲି ମଙ୍ଗଳବାର ବସ୍ତା ବ୍ଲକସ୍ତରୀୟ ସମନ୍ୱିତ ଶିଶୁ ସୁରକ୍ଷା କର୍ମଶାଳାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝି ଯୋଗଦେଇ ପ୍ରକାଶ କରିଛନ୍ତି। କର୍ମଶାଳାରେ ରିସୋର୍ସ ପର୍ସନ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ବ୍ଲକ ଅଧକ୍ଷା ଅଞ୍ଜଳି ଦାସ, ଉପାଧକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର, ଭାରପ୍ରାପ୍ତ ବିଡ଼ିଓ କିରଣ ଦୀପ କୌର, ସଂଯୋଜକ ସଂଯୁକ୍ତା ରାଉତ, ସିଡିପିଓ ଦୀପ୍ତି ରାଣୀ ସିଂ, ବ୍ଲକ ସହ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କୁମ୍ପିଲୁ ଟୁଡୁ, କାଉନସିଲର ପୁଷ୍ପଲତା ଜେନା ପ୍ରମୁଖ ଯୋଗଦେଇଥିଲେ। ଜିଲା ପରିଷଦ ସଦସ୍ୟ ବିଷ୍ଣୁପ୍ରିୟା ବୁଗୁଡ଼ି, ସରପଞ୍ଚ ପ୍ରଭାତ ଦାସ, ଅମିତ୍ କୁମାର ବିଶ୍ୱାଳ, ସଞ୍ଜୀବ ଦଳେଇ, ରାଧାବଲ୍ଲଭ ମଣ୍ଡଳ, ସମିତି ସଭ୍ୟ ଅନାଦି ଦାସ, ଜୟପ୍ରକାଶ ନାରାୟଣ ବେହେରା ଓ ସୁବ୍ରତ ପଣ୍ଡା ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ଦିଗରେ ଆମର କର୍ତ୍ତବ୍ୟ ସମ୍ପର୍କରେ ମତ ଦେଇଥିଲେ।

### ୨ ପଥର ବୋଝେଇ ଡମ୍ପର ଜବତ

ନୀଳଗିରି, ୧୩।୧୨(ସ୍ୱ.ପ୍ର.): ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ମଙ୍ଗଳବାର ବେଆଇନ ଭାବେ ଚାଲାଣ ହେଉଥିବା ୨ଟି ପଥର ବୋଝେଇ ଡମ୍ପରକୁ ଜବତ କରିଛନ୍ତି। ନୀଳଗିରି ମିତ୍ରପୁର ରାସ୍ତାର ଷ୍ଟେଶନ ସାହିଠାରେ ଏକ ପଥର ବୋଝେଇ ଡମ୍ପର (ନଂ. ଓଡ଼ି୦୧ଏଜେ-୬୮୪୩)କୁ ଜବତ କରିଥିବା ବେଳେ ଅନ୍ୟ ଏକ ପଥର ବୋଝେଇ ଡମ୍ପର (ନଂ. ଓଡି-୨୩ବି-୫୭୧୮)କୁ କଦମସାହି ଛକଠାରେ ଜବତ କରିଛନ୍ତି। ଚଢ଼ାଉରେ ତହସିଲଦାରଙ୍କ ସମେତ ଆର୍‌ଆଇ ମିଥୁନ ସେଠୀ ଓ କର୍ମଚାରୀ ତ୍ରିଲୋଚନ ନାୟକ ସାମିଲ ଥିଲେ।

### ନକଲି ବିଦେଶୀ ମଦ ଜବତ, ୨ ଅଭିଯୁକ୍ତ ଗିରଫ

ରୂପସା, ୧୩।୧୨(ଡି.ଏନ.ଏ.): ବାଲେଶ୍ୱର ଜିଲା ଅଧୀନ ବସ୍ତା ଓ ବାଲିଆପାଳ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ନକଲି ବିଦେଶୀ ମଦ ଏବଂ ମଦ ତିଆରି ସାମଗ୍ରୀ ଜବତ କରାଯାଇଛି। ଏଥିସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସିଂଲା ଥାନା ପଡ଼ିଆରିପୁର ଗ୍ରାମର ହେମନ୍ତ ବାରିକ ଓ ବସ୍ତା ଥାନା ଅମର୍ଦାରୋଡ଼ ଅଞ୍ଚଳର ରମେଶ ଚନ୍ଦ୍ର ରାଉତ। ସେମାନଙ୍କ ନିକଟରୁ ଏକ ସ୍କୁଟି, ୫୨ ଲିଟର ଦେଶୀ ରନ୍ଧା ମଦ, ୧୦ ଲି ୮୦୦ ମିଲି ବିଦେଶୀ ନକଲି ମଦ ଜବତ କରାଯାଇଛି। ଏଥିସହିତ ମଦ ତିଆରି ପାଇଁ ବ୍ୟବହୃତ ହେଉଥିବା ଖାଲି ବୋତଲ, ଠିପି, ଲେବଲ୍ ସିଲ ଆଦି ଜବତ ହୋଇଛି। ଅବକାରୀ ଓ ପୋଲିସର ମିଳିତ ୧୦ ଜଣିଆ ଟିମ୍ ଚଢ଼ାଉ କରି ଏହି ନକଲି ମଦ ବ୍ୟବସାୟର ପର୍ଦ୍ଦାଫାସ କରିଥିଲା। ଏ ନେଇ ମାମଲା(ନଂ.୧୩୨ ଓ ୧୩୩/୨୨-୨୩) ରୁଜୁ ହୋଇ ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ବଡ଼ସାହିରେ ନକଲି ମଦ କାରବାର

ବଡ଼ସାହି, ୧୩।୧୨(ସ୍ୱ.ପ୍ରସ.): ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଞ୍ଚଳରେ ବ୍ୟାପକ ଭାବେ ନକଲି ଦେଶୀ ମଦ ପ୍ରସ୍ତୁତି ଚାଲିଛି। ଏହି ଥାନା ଅଧୀନ କାଦୁଆଲବନ୍ଧ ଗ୍ରାମରେ ସୋମବାର ଅବକାରୀ ଥାନା ଓ ମୋବାଇଲ ସ୍କ୍ୱାଡ୍ ଚଢ଼ାଉ କରି ବିପୁଳ ପରିମାଣର ନକଲି ବିଦେଶୀ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରିଛି। ସୂଚନାଯୋଗ୍ୟ, ଉଦଳା-ବାରିପଦା ମୁଖ୍ୟ ରାସ୍ତାରେ ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିବା ସମୟରେ କାର୍‌କୁ ସନ୍ଦେହରେ ଅଟକାଇଥିଲା। କାର୍ ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ପିଣ୍ଟୁ ସିଂ ନାମକ ଜଣେ ବ୍ୟକ୍ତିଙ୍କୁ ଅବକାରୀ ବିଭାଗ ଗିରଫ କରିଥିଲା। ତଦନ୍ତ ପରେ କାଦୁଆଲ ଗ୍ରାମର ଏକ ଘରକୁ ଭଡ଼ା ସୂତ୍ରରେ ନେଇ ଝାଡ଼ଖଣ୍ଡ ଅଞ୍ଚଳର ଜଣେ ଯୁବକ ନକଲି ମଦ ପ୍ରସ୍ତୁତ କରୁଥିବା ଜଣା ପଡ଼ିଥିଲା। ଉକ୍ତ ଘରେ ଚଢ଼ାଉ ପରେ ୨୨ ଲିଟର ବିଦେଶୀ ମଦ, ୧୮୬ଟି ବିଭିନ୍ନ ବ୍ରାଣ୍ଡର ଲେବଲ ଓ ବୋତଲ ଆଦି ଜବତ କରାଯାଇଛି।

# ଦନ୍ତ ଚିକିତ୍ସକ କରୁଛନ୍ତି ସାଧାରଣ ରୋଗ ଚିକିତ୍ସା

ବାହାନଗା, ୧୩।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଧୀନ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଚିତ୍ର ନୀତି ଦେଖିବାକୁ ମିଳିଛି। ୨ମାସ ତଳେ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ଜଣେ ଦନ୍ତ ଚିକିତ୍ସକ ସାଧାରଣ ରୋଗୀଙ୍କ ଚିକିତ୍ସା କରୁଛନ୍ତି।

ସରକାରଙ୍କ ପକ୍ଷରୁ ଦାନ୍ତ ଚିକିତ୍ସା ପାଇଁ କୌଣସି ଯନ୍ତ୍ରପାତି ନ ଥିବାରୁ ଦାନ୍ତ ଡାକ୍ତର ଅମରେଶ ଦ୍ୱାରି ବାଧ ହୋଇ ସାଧାରଣ ରୋଗର ଚିକିତ୍ସା କରୁଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦାନ୍ତ ଡାକ୍ତର ଆସିଥିବା ଜାଣି ସ୍ଥାନୀୟ ଲୋକେ ଖୁସି ପ୍ରକଟ କରିଥିଲେ। ମାତ୍ର ସେ ଦାନ୍ତ ରୋଗ ଚିକିତ୍ସା ପରିବର୍ତ୍ତେ ସାଧାରଣ ରୋଗ ଚିକିତ୍ସା କରୁଥିବାରୁ ଦାନ୍ତ ରୋଗୀମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏବାବଦରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ଡା. ଧିରେଶ କୁମାର ଷଡ଼ଙ୍ଗୀଙ୍କୁ ପଚାରିବାରୁ ଏଠାକୁ ସରକାର ଜଣେ ପିଜି ଦାନ୍ତ ଡାକ୍ତର ପଠାଇ ଥିଲେ ମଧ ଦାନ୍ତ ଚିକିତ୍ସା ନିମନ୍ତେ କୌଣସି ଯନ୍ତ୍ରପାତି ଦେଇନାହାନ୍ତି। ଚିକିତ୍ସା ପାଇଁ ଆବଶ୍ୟକ ଚେୟାର ମଧ

**ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**



ଏଠାରେ ନାହିଁ । ତେଣୁ ବାଧ ହୋଇ ଦାନ୍ତ ଡାକ୍ତର ସାଧାରଣ ରୋଗ ଚିକିତ୍ସା କରୁଛନ୍ତି। ଏ ସମ୍ପର୍କରେ ସିଡିଏମଓଙ୍କୁ ଚିଠି ମାଧ୍ୟମରେ ଜଣାଇଛୁ। କେତେକ ଯନ୍ତ୍ରାଂଶ ରୋଗୀ କଲ୍ୟାଣ ସମିତି ପାଣ୍ଠିରୁ କିଣିବା ପାଇଁ ନିଷ୍ପତ୍ତି ନେଇଛୁ ବୋଲି କହିଛନ୍ତି। ଗୋପାଳପୁର ଅଞ୍ଚଳ ସ୍ୱଚ୍ଛ ଭାରତ ଅଭିଯାନର ଆବାହକ ସୁଦର୍ଶନ ମହାପାତ୍ର କହନ୍ତି , ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ବିଶେଷଜ୍ଞ ଡାକ୍ତର ନ ଥିବା ବେଳେ ଜଣେ ଦାନ୍ତ ଡାକ୍ତରଙ୍କୁ ସରକାର ପଠାଇ ଥିଲେ ମଧ ସେ ସାଧାରଣ ରୋଗ ଚିକିତ୍ସା କରିବା ବିଡ଼ମ୍ବନାର ବିଷୟ। ଏଠାରେ ଦାନ୍ତ ଚିକିତ୍ସାର ବହୁଳ ଆବଶ୍ୟକତା ଥିବାରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତୁରନ୍ତ ଆବଶ୍ୟକ ଯନ୍ତ୍ରପାତି ପଠାଇବାକୁ ସେ ଦାବି କରିଛନ୍ତି ।

# 'ଯମନାଲାଲ ବଜାଜ' ପୁରସ୍କାରପ୍ରାପ୍ତ ସୋଫିଆଙ୍କୁ ସ୍ୱାଗତ



ଆସିଆନାର ସମ୍ପାଦିକା ସୋଫିଆ ଶୈଖ୍‌ଙ୍କୁ ଭଦ୍ରକ ଷ୍ଟେଶନରେ ସ୍ୱାଗତ କରାଯାଉଛି।

ଭଦ୍ରକ ଅଫିସ, ୧୩।୧୨

ସୋସାଇଟି ଫର୍ ଉଇକର କମ୍ୟୁନିଟି(ଆସିଆନା)ର ସମ୍ପାଦିକା, ଚାଇଲ୍ଡ ଲାଇନ ନିର୍ଦ୍ଦେଶିକା ସୋଫିଆ ଶୈଖ୍ ନିକଟରେ ମୁମ୍ବାଇରେ ୪୪ତମ ଯମନାଲାଲ ବଜାଜ -୨୦୨୨ ପୁରସ୍କାର ପାଇବା ପରେ ମଙ୍ଗଳବାର ଭଦ୍ରକ ଫେରିଛନ୍ତି। ସେ ଭଦ୍ରକ ରେଳ ଷ୍ଟେଶନରେ ପହଞ୍ଚିବା ପରେ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା, ପ୍ରଶାସନିକ ଅଧିକାରୀ ଓ ବୁଦ୍ଧିଜୀବୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଜୟନ୍ତୀ ବେହେରା, ଭଦ୍ରକ ରେଳ ଷ୍ଟେଶନ ମ୍ୟାନେଜର ସୁବାସ କୁମାର ସାହୁ, ଆର୍‌ପିଏଫ୍ ଆଇଆଇସି ଦିଲୀପ କୁମାର, ଜିଆର୍‌ପି ଆଇଆଇସି ଆର୍. ଶଙ୍କର ରାୟ, ଆସିଆନାର ନିର୍ଦ୍ଦେଶକ ସଲାମ ଭାଇ, ସଂଯୋଜକ ରିୟାଜ ଅହମ୍ମଦ, ପରାମର୍ଶଦାତ୍ରୀ ଅନିମା ପଣ୍ଡା, ପ୍ରଶାନ୍ତ ମହାପାତ୍ର, ସୁଧାରଗୃହ ପରିଚାଳକ ସବାନା ଶେଖ୍, ମୁକ୍ତାଶ୍ରୟ କେନ୍ଦ୍ରର ସଂଯୋଜକ ସମ୍ବିତ୍ ମହାନ୍ତି, ସାମାଜିକ କର୍ମୀ ଭାଗ୍ୟଶ୍ରୀ ମହାକୁଡ଼, ଚାଇଲ୍ଡ ଲାଇନର ସଂଯୋଜିକା ଦିବ୍ୟାନୀ ମୁଖାର୍ଜୀ ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ସୋଫିଆ ଭଦ୍ରକ ଡାହାଣୀଗଡ଼ିଆସ୍ଥିତ ଗୋପବନ୍ଧୁ ଦାସ, ବାଇପାସ୍‌ସ୍ଥିତ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ ଗାନ୍ଧୀପଡ଼ିଆସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ଜିଲାପାଳ, ଏସ୍‌ପି ଶୁଣିଲେ ୧୫୦ ଅଭିଯୋଗ



ମିଳିତ ଜନଶୁଣାଣି ଶିବିର।

ଔପଦା, ୧୩।୧୨

ବାଲେଶ୍ୱର ଜିଲା ଔପଦା ବ୍ଲକ ସଭା ଗୃହରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଓ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କ ମିଳିତ ଜଣାଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟତଃ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ପରି ୧୫୦ ଅଭିଯୋଗ ହୋଇଥିଲା।

ଶିବିରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ନୀଳଗିରି ଉପଜିଲାପାଳ ମନ୍ଧଧର ମହାଳିକ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦୁଲାଲସେନ ଜଗଦେବ, ଜିଲା ଶିକ୍ଷା ଅଧିକାରୀ ବିଷ୍ଣୁ ଚରଣ ସୂତାର, ବିଡିଓ ଅଭିଷେକ ଦାଶ, ତହସିଲଦାର ଶରତ କୁମାର ମଲ୍ଲିକ, ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ କୈଳାଶ ଚନ୍ଦ୍ର ବେହେରା, ଔପଦା ଥାନା ଅଧିକାରିଣୀ କମଳିନୀ ତାଣ୍ଡି, ଖଇରା ଥାନାଧିକାରୀ ଗଣେଶ୍ୱର ପ୍ରଧାନ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ପପୁ ଭୂୟାଁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଗଡ଼ସାହି ପଞ୍ଚାୟତ ଭରଡ଼ାଭାଟି ଗ୍ରାମର ଦିବ୍ୟାଙ୍ଗ ଆଦିବାସୀ ମହିଳା ଶାନ୍ତିଲତା ଗଡ଼ଗାଇଁଆ ଜିଲାପାଳଙ୍କୁ ତଳେ ଜୁହାର ହୋଇ ବର୍ଦ୍ଧିତ ଭତ୍ତା ସହ ହୁଇଲ ଚେୟାର ଏବଂ ଅନ୍ତ୍ୟୋଦୟ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ନେହୁରା ହୋଇଥିଲେ। ଜିଲାପାଳ ଦିବ୍ୟାଙ୍ଗ ଆଦିବାସୀ ମହିଳାଙ୍କୁ ଏକ ହୁଇଲ ଚେୟାର ପ୍ରଦାନ କରିବା ସହ ଅନ୍ୟ ୨ ଅଭିଯୋଗକୁ ତୁରନ୍ତ ପୂରଣ କରିବା ପାଇଁ ସମ୍ମତି ଦେଇଥିଲେ। ସୂଚନା ଅଧିକାରୀ ଆଇନ ଦ୍ୱାରା ରାଜସ୍ୱ ବିଭାଗ ପକ୍ଷରୁ ଭୁଲ ତଥ୍ୟ ଦିଆଯାଉଥିବା ମଧ ଅଭିଯୋଗ ହୋଇଥିଲା। ଅଭିଯୋଗ ଶୁଣାଣି ଶିବିର ପରେ ଜିଲାପାଳ ଔପଦା ଡାକ୍ତରଖାନାରେ ପହଞ୍ଚି ବିଭିନ୍ନ କାର୍ଯ୍ୟାଳୟକୁ ପରିଦର୍ଶନ କରିଥିବା ବେଳେ ନବନିର୍ମିତ ଡ୍ରେନ୍ ନିର୍ମାଣକୁ ଅନୁଧ୍ୟାନ କରିଥିଲେ।

### ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରସ୍ତୁତି

ଯୋଡା, ୧୩।୧୨(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ପଞ୍ଚାୟତ ସମିତି ଅଧୀନ ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ନେଇ ମଙ୍ଗଳବାର ଯୋଡ଼ା ବ୍ଲକ୍ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ବ୍ଲକ୍ ଅଧକ୍ଷ କବୀନ୍ଦ୍ର ନାଏକଙ୍କ ଅଧକ୍ଷତାରେ ଯୋଡ଼ା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗନ୍ନାଥ ହନୁମାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୀବ ଏକ୍କା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଶାନ୍ତ ସେଠୀ, ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ, ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ ଓ ବ୍ଲକ୍ କର୍ମଚାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ୧୭ରୁ ବ୍ଲକ୍‌ର ୧୯ ପଞ୍ଚାୟତକୁ ୫ ଜୋନ୍‌ରେ ବିଭକ୍ତ କରାଯାଇ ଦୌଡ଼, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଫୁଟବଲ, କ୍ରିକେଟ, ହକି, ଭଲିବଲ, କବାଡ଼ି ଆଦି ଗ୍ରାମାଞ୍ଚଳର ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ କ୍ରୀଡ଼ାପ୍ରେମୀ ଜନସାଧାରଣମାନଙ୍କୁ ନେଇ ଆୟୋଜନ କରାଯିବ। ଯୋଡ଼ା ବ୍ଲକ୍ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କାହ୍ନୁ ମାଝୀ ପରିଚାଳନା କରିଥିଲେ।

# ବିଷପିଇ ପ୍ରେମିକ ମୃତ

**ମୃତ୍ୟୁ ସହ ଲଢୁଛନ୍ତି ଯୁବତୀ**

ଜଳେଶ୍ୱର, ୧୩।୧୨(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ନଛିମପୁର ପଞ୍ଚାୟତ ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଛି। ସୌମିତ୍ର ପାତ୍ର ନାମକ ଯୁବକ ପ୍ରେମରେ ବିଫଳ ହେବା ପରେ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ଏହି ଖବର ପ୍ରେମିକା ଜାଣିବା ପରେ ସେ ମଧ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ପ୍ରଥମେ ଜିକେ ଭଟ୍ଟର ହସ୍‌ପିଟାଲ ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ସୌମିତ୍ର ହାଇଦ୍ରାବାଦଠାରେ ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେ ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଗତ ଶୁକ୍ରବାର ସୌମିତ୍ର ହାଇଦ୍ରାବାଦରୁ ଘରକୁ ଫେରିଥିଲେ। ଭାବିଥିଲେ ପ୍ରେମିକାଙ୍କୁ ବିବାହ କରି ହାଇଦ୍ରାବାଦ ନେଇଯିବେ। ହେଲେ କୌଣସି କାରଣରୁ ପ୍ରେମିକା ଫୋନ୍‌ଯୋଗେ ବିବାହକୁ ସମ୍ମତି ନ ଦେବାରୁ ସୌମିତ୍ର ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ଏହା ଜାଣିବା ପରେ ପ୍ରଥମେ ଜିକେ ଭଟ୍ଟର ଓ ପରେ ବାଲେଶ୍ୱର ଚିକିତ୍ସା ପାଇଁ ନେଇଯାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଉଥିବା ବେଳେ ସୋମବାର ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଯୁବତୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି।

# 'ସ୍ୱାଧୀନତା ସଂଗ୍ରାମରେ ଭଦ୍ରକର ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଭଦ୍ରକ ଅଫିସ, ୧୩।୧୨

ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଭଦ୍ରକ ଜିଲାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି। ୧୯୨୧ ମାର୍ଚ୍ଚ ୨୫ରେ ମହାତ୍ମା ଗାନ୍ଧୀ ପ୍ରଥମେ ଏହି ଗାନ୍ଧୀପଡ଼ିଆରେ ପଦାର୍ପଣ କରି ସ୍ୱାଧୀନତା ସଂଗ୍ରାମର ବୀଜ ବପନ କରିଥିଲେ। ପରେ ୧୯୨୭ ଡିସେମ୍ବର ୧୭ ଓ ୧୯୩୪ ଜୁନ୍ ୨ରେ ସେ ଭଦ୍ରକ ଆସି ସ୍ୱାଧୀନତା ସଂଗ୍ରାମକୁ ଗତିଶୀଳ କରିଥିଲେ। ଭଦ୍ରକ ଜିଲା ସ୍ୱାଧୀନତା ସଂଗ୍ରାମ ତଥା ଭାରତଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରି ଜ୍ୱାଳାମୁଖୀ କରିଥିଲା ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ୪ର୍ଥ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଇରମ ମାଟିର ଅବିସ୍ମରଣୀୟ ପ୍ରତିଭା ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ସ୍ମୃତିରେ ଉତ୍ସର୍ଗ ଏହି ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସୁଧାଂଶୁ ଶେଖର ମିଶ୍ର, ବିଶିଷ୍ଟ ଅତିଥି ଅତିରିକ୍ତ ଉପଜିଲାପାଳ ଲକ୍ଷ୍ମୀପ୍ରସାଦ ସାହୁ, ଅନ୍ୟତମ ଅତିଥି ଭାବେ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଡ. ସୁଦର୍ଶନ ବାରିକ, ଅବସରପ୍ରାପ୍ତ ପ୍ରାଧାପିକା ଡ. ପ୍ରଭାତ ନଳିନୀ ମହାପାତ୍ର, ଶିକ୍ଷାବିତ୍ ଦୁଃଶାସନ ରାଉତ, ପ୍ରଧାନ ଶିକ୍ଷକ ସଦାନନ୍ଦ ପାଣିଗ୍ରାହୀ ଓ ବାଇଚଢ଼େଇର ସମ୍ପାଦକ ବିକାଶ କୁମାର ଶତପଥୀ ଯୋଗ ଦେଇଥିଲେ। ପୌରୋହିତ୍ୟ କରିଥିଲେ କବି ବାବୁଲାଲ ଦାସ। ଆବାହକ ନୀହାର ରଞ୍ଜନ କର ଅତିଥି ପରିଚୟ ଓ ସଭାପତି ଇଂ. ଅଭୟ ସୂତାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବୟିତ୍ରୀ ସୁମିତ୍ରା ପାଣି ଧନ୍ୟବାଦ ଦେଇଥିଲେ। କମିଟି ସମ୍ପାଦକ ରବିନାରାୟଣ ଖିଲାର ଓ କୋଷାଧକ୍ଷ ଆଶିଷ ଅମିତାଭ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଟଙ୍କା ଟ୍ରାନ୍ସଫର ଘଟଣା**

### ସନ୍ଦେହ ଘେରରେ କ୍ୟାଶିୟର

ବାରିପଦା ଅଫିସ, ୧୩।୧୨

ମୟୂରଭଞ୍ଜ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟର କ୍ୟାଶିୟର ଏକ ଘରୋଇ ବ୍ୟବସାୟିକ ସଂସ୍ଥାକୁ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଟ୍ରାନ୍ସଫର କରି ସନ୍ଦେହ ଘେରକୁ ଆସିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି ଏହାର ତଦନ୍ତ କରୁଛନ୍ତି। ସୂଚନା ଅନୁଯାୟୀ, କ୍ୟାଶିୟର ଜଣକ ଜିଲା ମଙ୍ଗଳ ଅଧିକାରୀ(ଡିଡବ୍ଲ୍ୟୁଇଓ)ଙ୍କ କାର୍ଯ୍ୟ ବ୍ୟସ୍ତତାର ସୁଯୋଗ ନେଇ ଅନ୍ୟ ଚିଠି ସ୍ୱାକ୍ଷର ସମୟରେ ଏହି ଅନୁମୋଦନ ଚିଠିକୁ ସ୍ୱାକ୍ଷର କରାଇ ନେଇଥିଲେ। ତାହା ବ୍ୟାଙ୍କକୁ ଯିବା ପରେ ବିଭାଗର ଛାତ୍ରୀ ନିବାସଗୁଡ଼ିକରୁ ଋତୁସ୍ରାବ ଜନିତ ବର୍ଜ୍ୟବସ୍ତୁ ନଷ୍ଟ କରିବା ଯନ୍ତ୍ର ଯୋଗାଉଥିବା ରାଜଗାଙ୍ଗପୁରର ଗ୍ରେଟ୍ ମ୍ୟାନ ନାମକ ସଂସ୍ଥାକୁ ଟଙ୍କା ଟ୍ରାନ୍ସଫର ହୋଇଥିଲା। ତେବେ ବ୍ୟାଙ୍କ ଆକାଉଣ୍ଟ ମେସେଜ ସରକାରୀ ମୋବାଇଲ ନମ୍ବରରେ ଆସିବାରୁ ଅନିୟମିତତା ଜଣାପଡ଼ିଥିଲା। ଏନେଇ ଭାରପ୍ରାପ୍ତ ଡିଡବ୍ଲ୍ୟୁଇଓ ସୁନାରାମ ସିଂ ଜିଲାପାଳଙ୍କୁ ଜଣାଇବା ପରେ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# 'କାନ୍ତକବି ଥିଲେ ଆଧୁନିକ ଓଡ଼ିଆ କବିତାରେ ଆଶାବାଦର ପ୍ରଥମ ରୂପକାର'



କାନ୍ତସାହିତ୍ୟ ପରିଷଦର ବାର୍ଷିକୋତ୍ସବ ଓ କାନ୍ତକବିଙ୍କ ଜୟନ୍ତୀ ଉତ୍ସବରେ ଅତିଥିମାନେ।

ଧାମନଗର, ୧୩।୧୨(ଡି.ଏନ.ଏ)

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଆଧୁନିକ ଓଡ଼ିଆ କବିତାରେ ଆଶାବାଦର ପ୍ରଥମ ରୂପକାର, ଜାତୀୟତାବାଦ ଓ ଦେଶପ୍ରେମର ମହାନ ଉଦ୍‌ଗାତା ଥିଲେ ବୋଲି ଧାମନଗର କାନ୍ତସାହିତ୍ୟ ପରିଷଦର ବାର୍ଷିକୋତ୍ସବ ଓ କାନ୍ତକବିଙ୍କ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ରସାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ସଂଯୋଜକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ଅନ୍ୟତମ ଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଓ ମୁଖ୍ୟବକ୍ତା ଭାବେ ସାରସ୍ୱତ ସାଧକ ଡା. ବୈରାଗୀ ପଟ୍ଟନାୟକ ଯୋଗ ଦେଇଥିଲେ। ସଚ୍ଚିକାନ୍ତ ପଣ୍ଡା ସମ୍ପାଦକୀୟ ବିବରଣୀ ଓ ହେମେନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ସାହିତ୍ୟିକ କାହ୍ନୁ ଚରଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଆଇନଜୀବୀ ଦେବାଶିଷ ସାମଲ ଯୋଗ ଦେଇଥିଲେ। କବି ଦୟାନିଧି ମିଶ୍ର, ଅଧ୍ୟାପକ ଚିତ୍ତରଞ୍ଜନ ଦାଶ ସଂଯୋଜନା ଓ ପ୍ରଦୀପ ମହାପାତ୍ର ପରିଚାଳନା କରିଥିଲେ।

# ଫେବୃୟାରୀରେ ଉଦଳା ମହୋତ୍ସବ

ଉଦଳା, ୧୩।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡସ୍ତରୀୟ ଉଦଳା ମହୋତ୍ସବ (ଧୁମୁସା) ଆସନ୍ତା ଫେବୃୟାରୀ ମାସ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ। ଏନେଇ ମଙ୍ଗଳବାର ଆୟୋଜିତ କୋର କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଏନ୍‌ଏସି ଚେୟାରମ୍ୟାନ ପ୍ରମିଳା ପଣ୍ଡା, ବ୍ଲକ ଚେୟାରମ୍ୟାନ ମଞ୍ଜୁଲତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଉପଖଣ୍ଡସ୍ତରୀୟ ଧୁମୁସା ମହୋତ୍ସବ ନାମରେ ଉଦଳା ମହୋତ୍ସବ ଆୟୋଜନ କରାଯାଇଥାଏ। କରୋନା କଟକଣା ଯୋଗୁ ଗତ ୨ବର୍ଷ ହେଲା ମହୋତ୍ସବ ଆୟୋଜନ ହୋଇପାରି ନ ଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜ କଳାକାର କ୍ଲବର ସଭାପତି ପ୍ରସନ୍ନ ଦାସ, ଉଦଳା ଓକିଲ ସଂଘର ସମ୍ପାଦକ ବସନ୍ତ କୁମାର ପରିଡ଼ା, ଯଜ୍ଞ ନାରାୟଣ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସୀମାନ୍ତ ତ୍ରିପାଠୀ, ପ୍ରଭାତ ପରିଡ଼ା, ଏନ୍‌ଏସି ଭାଇସ୍ ଚେୟାରମ୍ୟାନ ଲିଲି ଭୋଳ, ପୂର୍ବତନ ଏନ୍‌ଏସି ଅଧକ୍ଷା ପ୍ରେମଲତା ଜେନା, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଡିଆର୍‌ଡିଓ ସେଣ୍ଟ୍ରାଲ ଜୋନ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବାଲେଶ୍ୱର ଅଫିସ, ୧୩।୧୨

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ପ୍ରତିଷ୍ଠାନ ପିଏକ୍ସଇ ଆନୁକୂଲ୍ୟରେ ଚାନ୍ଦିପୁରଠାରେ ଡିଆର୍‌ଡିଓ ସେଣ୍ଟ୍ରାଲ ଜୋନ୍ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଟୁର୍ନାମେଣ୍ଟ ପରିଚାଳନା ସମିତି ସଭାପତି କର୍ଣ୍ଣେଲ ସୁମନ କୁମାର ଦତ୍ତଙ୍କ ନେତୃତ୍ୱରେ ତଥା ପିଏକ୍ସଇର କ୍ରୀଡ଼ା ପ୍ରକୋଷ୍ଠ, ୱାର୍କ୍ସ କମିଟି ଏବଂ ୟୁନିୟନ୍‌ର ସହଯୋଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ଆଇଟିଆର୍ ନିର୍ଦ୍ଦେଶକ ହରେକୃଷ୍ଣ ରଥ ଉଦ୍‌ଘାଟନ କରିଥିଲେ।

**ଭାଗ ନେଲେ ୮ ଟିମ୍**

ଏହି ଟୁର୍ନାମେଣ୍ଟ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଚାଲୁ ରହିବ। ଏଥିରେ ହାଇଦ୍ରାବାଦ, ବିଶାଖାପାଟଣା, ଜଗଦଲପୁର ଏବଂ ଚାନ୍ଦିପୁରସ୍ଥିତ ଡିଆର୍‌ଡିଓ ପ୍ରତିଷ୍ଠାନଗୁଡ଼ିକ ତରଫରୁ ଅନ୍ୟୁନ ୮ଟି ଫୁଟବଲ ଟିମ୍ ଅଂଶଗ୍ରହଣ କରିବେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ପିଏକ୍ସଇର ନିର୍ଦ୍ଦେଶକ ଡି.କେ. ଯୋଷୀ ଶୁଭେଚ୍ଛା ଜଣାଇଛନ୍ତି। ବିଜେତା ଟିମ୍ ଡିଆର୍‌ଡିଓ ରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାଗନେବାକୁ ଯୋଗ୍ୟ ବିବେଚିତ ହେବେ।



ଅତିଥିଙ୍କ ଦ୍ୱାରା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ କରାଯାଉଛି।

# ରାଜ୍ୟସ୍ତରୀୟ ମାଷ୍ଟର ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

ବାଲେଶ୍ୱର ଅଫିସ, ୧୩।୧୨

ବାଲେଶ୍ୱର ଜିଲା ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ଅଫିସର୍ସ କ୍ଲବ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ମାଷ୍ଟର ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ୬୦ବର୍ଷରୁ ଊର୍ଦ୍ଧ୍ୱ ସିଙ୍ଗଲ୍ସ ବିଭାଗରେ ଗଞ୍ଜାମ ଜିଲାର ମାନସ ପଣ୍ଡା ବିଜେତା ଏବଂ ବାଲେଶ୍ୱରର ବିକାଶ ରଥନାଥ ଉପବିଜେତା ହୋଇଛନ୍ତି। ୬୦ବର୍ଷରୁ ଊର୍ଦ୍ଧ୍ୱ ଡବଲ୍ସ ବିଭାଗରେ ଗଞ୍ଜାମ ଜିଲାର ମାନସ ପଣ୍ଡା, ଯୁଧୀଷ୍ଠିର ବେହେରା ଯୋଡ଼ି ବିଜେତା ଏବଂ ବାଲେଶ୍ୱରର ବିନୋଦ ସାହା, ଅଜୟ ଦୋଷୀ ଉପବିଜେତା, ୫୫ବର୍ଷରୁ ଊର୍ଦ୍ଧ୍ୱ ସିଙ୍ଗଲ୍ସ ବିଭାଗରେ ସୁନ୍ଦରଗଡ଼ର ଅଜୟ କୁମାର ସାଙ୍ଗା ବିଜେତା ଏବଂ ବିଶ୍ୱେଶ ମିଶ୍ର ଉପବିଜେତା, ୫୫ବର୍ଷରୁ ଊର୍ଦ୍ଧ୍ୱ ଡବଲ୍ସ ବିଭାଗରେ ବାଲେଶ୍ୱରର ବିନୋଦ ଶାହା ଓ ଗୌରିଶଙ୍କର ବିଷି ବିଜେତା ଏବଂ ସୁନ୍ଦରଗଡ଼ର ଅଜୟ କୁମାର ସାଙ୍ଗା ଓ ଜେମ୍ସ କୁଜୁର ଉପବିଜେତା, ୫୦ବର୍ଷରୁ ଊର୍ଦ୍ଧ୍ୱ ସିଙ୍ଗଲ୍ସ ବିଭାଗରେ ତାଳଚେରର ସଞ୍ଜୟ ରାଉତ ବିଜେତା ଏବଂ ଖୋର୍ଦ୍ଧା ଜିଲାର ପ୍ରଦୀପ ପଟ୍ଟନାୟକ ଉପବିଜେତା ହୋଇଥିଲେ। ୫୦ବର୍ଷରୁ ଊର୍ଦ୍ଧ୍ୱ ଡବଲ୍ସ ବିଭାଗରେ କଳାହାଣ୍ଡିର ସମୀର କୁମାର ସାହୁ, ତାଳଚେରର ସଞ୍ଜୟ ରାଉତ ଯୋଡ଼ି ଉପବିଜେତା ଏବଂ ଢେଙ୍କାନାଳର ଧର୍ମେନ୍ଦ୍ର ମହାପାତ୍ର, କଳାହାଣ୍ଡିର ମହେଶ କୁକ୍ରେଜା ବିଜେତା ହୋଇଥିଲେ। ୪୫ବର୍ଷରୁ ଊର୍ଦ୍ଧ୍ୱ ସିଙ୍ଗଲ୍ସ ବିଭାଗର ଢେଙ୍କାନାଳରେ ଶୁଭ୍ରାଂଶୁ ଦଳେଇ ବିଜେତା ଏବଂ ଝାରସୁଗୁଡାର ପ୍ରଶାନ୍ତ ବେହେରା ଉପବିଜେତା ହୋଇଥିଲେ। ୪୫ବର୍ଷରୁ ଊର୍ଦ୍ଧ୍ୱ ଡବଲ୍ସ ବିଭାଗରେ କଳାହାଣ୍ଡିର ମହେଶ କୁକ୍ରେଜା ବିଜେତା ଓ ଢେଙ୍କାନାଳର ଧର୍ମେନ୍ଦ୍ର ମହାପାତ୍ର ଯୋଡ଼ି ବିଜେତା, ଗଞ୍ଜାମର କେଶବ ବେହେରା ଓ ତାହିର ମହମ୍ମଦଙ୍କ ଯୋଡ଼ି ଉପବିଜେତା ହୋଇଥିଲେ। ୪୦ବର୍ଷରୁ ଊର୍ଦ୍ଧ୍ୱ ସିଙ୍ଗଲ୍ସ ବିଭାଗରେ କୋରାପୁଟର କାହ୍ନୁ ଚରଣ ପଟ୍ଟନାୟକ ବିଜେତା ଏବଂ ଗଞ୍ଜାମ ଜିଲାର ଶିବ ପାଢ଼ୀ ଉପବିଜେତା ହୋଇଥିଲେ। ୪୦ବର୍ଷରୁ ଊର୍ଦ୍ଧ୍ୱ ଡବଲ୍ସ ବିଭାଗରେ କୋରାପୁଟ ଯୋଡି କାହ୍ନୁ ପଟ୍ଟନାୟକ, ଉମାଶଙ୍କର ପ୍ରଧାନ ବିଜେତା, ଗଞ୍ଜାମ ଜିଲାର ଯୋଡି ଶିବ ପାଢ଼ୀ, କେଶବ ବେହେରା ଉପବିଜେତା ହୋଇଥିଲେ। ୩୫ବର୍ଷରୁ ଊର୍ଦ୍ଧ୍ୱ ସିଙ୍ଗଲ୍ସ ବିଭାଗରେ ବାଲେଶ୍ୱର ଜିଲାର ଜୟପ୍ରକାଶ ସିଂ ବିଜେତା ଏବଂ ଭୁବନେଶ୍ୱରର ନଇମୁଦ୍ଦିନ ଖାନ ଉପବିଜେତା ହୋଇଥିଲେ। ୩୫ବର୍ଷରୁ ଊର୍ଦ୍ଧ୍ୱ ଡବଲ୍ସ ବିଭାଗରେ ଭୁବନେଶ୍ୱରର ଚିତ୍ତ ଶତପଥୀ, ନଇମୁଦ୍ଦିନ ଖାନ ବିଜେତା ଏବଂ ବାଲେଶ୍ୱରର ଜୟ ପ୍ରକାଶ ସିଂ ଓ କୋରାପୁଟର କାହ୍ନୁ ପଟ୍ଟନାୟକ ଉପବିଜେତା ହୋଇଥିଲେ।



ଅତିଥିଙ୍କ ଗହଣରେ କୃତୀ ଖେଳାଳି।

